## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ଜିତେନ୍ଦ୍ର



@ ଯୋଗେଶ୍ୱର



@ ପୂଜା



@ ରବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀ, ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉଜୁଡ଼ିବ

- ବତିଘର ପଞ୍ଚାୟତ ଗ୍ରାମସଭାରେ ଶିଳ୍ପକୁ ସ୍ୱାଗତ
- ୩ୟ ଦିନରେ ଜମି ଅଧିଗ୍ରହଣ ଜନଶୁଣାଣି
- ହେନ୍ତାଳ, ଲୁଣା ଜଙ୍ଗଲ, ଅଲିଭ୍ ରିଡ୍‌ଲ, ପରିବେଶ ପ୍ରଭାବିତ ହେବ

ମହାକାଳପଡ଼ା, ୧୩।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବତିଘର ପଞ୍ଚାୟତ ରେଡକ୍ରସ୍ ପଡ଼ିଆଠାରେ ଗ୍ରାମସଭା।



ଜନଶୁଣାଣିରେ ଉପସ୍ଥିତ ଲୋକମାନେ।

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବୁଧବାର ୩ୟ ଦିନରେ ମହାକାଳପଡ଼ା ତହସିଲ ଅଧୀନ ବତିଘର ପଞ୍ଚାୟତର ନିପାଣିଆ, ବଡ଼ଟୁବି ଓ ବରକୋଳି ଖୋଲା ମୌଜାରେ ଜନଶୁଣାଣି ଓ ଗ୍ରାମସଭା ସ୍ଥାନୀୟ ରେଡକ୍ରସ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳର ଯୋଗ୍ୟତା ଅନୁସାରେ ଯୁବତୀଯୁବକମାନଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଇଛି। ଏହାଦ୍ୱାରା ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ପାଇବ। ଅପରପକ୍ଷରେ ବୃହତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ହେଲେ ଚାଷୀ, ମତ୍ସ୍ୟଜୀବୀ, ଲୋକମାନେ ଜମି ହରାଇ ବାସଚ୍ୟୁତ ହେଲେ ଜୀବନ ଜୀବିକା ଉଜୁଡ଼ିବ। ବତିଘର ଫଲ୍ସ ପଏଣ୍ଟ ଓ ହୁକିଟୋଲାକୁ ଐତିହାସିକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଁ ଦାବି କରାଯାଇଥିଲା। ଆଗାମୀଦିନରେ ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହେଲେ ସମସ୍ତ ଲୋକଙ୍କୁ ସାମିଲ କରିବାକୁ ଦାବି ହୋଇଥିଲା। ସେହିପରି ଏହି ଅଞ୍ଚଳରେ ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ୧୯୭୬ମସିହାରେ ପଟ୍ଟା ପ୍ରଦାନ କରାଯାଇଥିଲା। ହେଲେ ଏହି ଜମି ପଟ୍ଟା ଜଙ୍ଗଲ କିସମ-୨ରେ ଥିବାରୁ ସରକାରୀ ଯୋଜନାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ଉପସ୍ଥିତ ବରକୋଳି ଖୋଲା, ନିପାଣିଆ ଓ ବଡ଼ଟୁବି ୩ ଗ୍ରାମର ଏହି ଜଙ୍ଗଲ ଜମି ସଂଶୋଧନ କରି ଲୋକଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଉ ବୋଲି ଉପସ୍ଥିତ ଚାଷୀ, ବରିଷ୍ଠ ମୁରବୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ମହିଳା ଓ ଯୁବ ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଆମମାନଙ୍କୁ ଜମି ଏକର ପିଛା କୋଟିଏ ଟଙ୍କା ପ୍ରଦାନ କରାଯାଉ ବୋଲି କୁହାଯାଇଥିଲା। ସେହିପରି ହେନ୍ତାଳ ବଣ, ଲୁଣା ଜଙ୍ଗଲ, ଗହୀରମଥାର ଅଲିଭ୍‌ରିଡ୍‌ଲେ କଇଁଛ, ପରିବେଶ ପ୍ରଭାବିତ ହେବ। ତେଣୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଅଲିଭ୍‌ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା, ହେନ୍ତାଳ ଜଙ୍ଗଲ, ସାମୁଦ୍ରିକ ବେଳାଭୂମି, ପ୍ରବାହିତ ନଦୀରେ କୁମ୍ଭୀର ଅଣ୍ଡାଦାନ ସହ ସୁରକ୍ଷା ଓ ସଂରକ୍ଷଣ, ପରିବେଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିପାଣିଆ ଚାଷୀ ତଥା ପରିବେଶବିତ୍ ପୀତାମ୍ବର ତରାଇ ମତବ୍ୟକ୍ତ କରିଥିଲେ।

ଗ୍ରାମର ଗୁରୁପଦ ବାରିକ, ଅଶୋକ ଓଝା, ଦେବୁ ଦାସ, କନ୍ହେଇ ଲାଲ ମାନ୍ନା, ଅଞ୍ଜନ ସାମଲ, ପ୍ରଶାନ୍ତ ମିଶ୍ର, ହରିପଦ ସାମନ୍ତଙ୍କ ସମେତ ବହୁସଂଖ୍ୟାରେ ଲୋକ ନିଜ ନିଜର ମତାମତ ରଖିଥିଲେ। ଜନଶୁଣାଣି ସରପଞ୍ଚ ଶିବାନୀ ବିଜୁଳିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର (ରାଜସ୍ୱ), ଉପ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲାର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଶିବାଶିଷ ପରିଡ଼ା, ଇଡ୍‌କୋ ସାଧାରଣ ପରିଚାଳକ ସମ୍ବିତ ଗଡ଼ନାୟକ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସ୍ଥାନୀୟ ସମିତିସଭ୍ୟ କ୍ରିଷ୍ଣପଦ ମଣ୍ଡଳ, କମ୍ପାନୀ ଅଧିକାରୀ ଲକ୍ଷ୍ମୀ ଚରଣ ମହାପାତ୍ର , ଅଭିଷେକ ଦାଶ ପ୍ରମୁଖ ଜମି ଅଧିଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା। ଏସ୍‌ପି ମଡକର ସମ୍ବିତ ସମ୍ପଦ ଉପସ୍ଥିତ ରହି ପରିସ୍ଥିତି ଉପରେ ଦୃଷ୍ଟି ରଖିଥିଲେ। ଜିଲାପାଳ ଅମୃତ ଋତୁରାଜ ଗ୍ରାମସଭାରେ ଉପସ୍ଥିତ ରହି ସାଧାରଣ ଲୋକମାନଙ୍କ ସହ ମତ ବିନିମୟ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପରିକଳ୍ପନା କରାଯାଇଥିଲା। ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର, ଖରିନାସି ଓ ବତିଘର ପଞ୍ଚାୟତରେ ପ୍ରସ୍ତାବିତ ବୃହତ ଇସ୍ପାତ ଶିଳ୍ପ କାରଖାନା ପ୍ରତିଷ୍ଠା ହେବ। ଏହା ସଫଳ ହେଲେ ଶିଳ୍ପ ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲା ସ୍ଥାନ ପାଇବ। ଇସ୍ପାତ ଉତ୍ପାଦନକାରୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଶିଳ୍ପ ପ୍ରତିଷ୍ଠା ହେଲେ ବାର୍ଷିକ ୨୪ ମିଲିୟନ ଟନ ଇସ୍ପାତ ଉତ୍ପାଦନ ହେବ ବୋଲି କୁହାଯାଇଛି।

# ଛାତ୍ରୀଙ୍କୁ କମେଣ୍ଟ୍ ମାରି ୩ ଗିରଫ

ଧର୍ମଶାଳା/କାଏମା, ୧୩।୧୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ଗୁଆରଙ୍ଗଠାରେ ବୁଧବାର ସକାଳେ ୨ ଯୁବକ ସ୍କୁଲ୍ ଛାତ୍ରୀଙ୍କୁ କମେଣ୍ଟ୍ କରିବା ସେମାନଙ୍କ ପାଇଁ ମହାଙ୍ଗା ପଡ଼ିଛି। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେବାପରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଚହଟା ଗ୍ରାମର ସେକ୍ ସାହିଲ(୨୨) ଓ ପରିକ୍ଷିତ ଗୋଛାୟତ(୨୨)। ଏଥିସହିତ ସେମାନଙ୍କୁ ସାହାଯ୍ୟ କରିଥିବା ଧର୍ମଶାଳା ବଜାର ଅଞ୍ଚଳର ସେକ୍ ଇସାକ(୨୧)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି।

ଉଭୟ ଯୁବକ ବାଇକ୍‌ରେ ନାକପୋଲ ଥାନୁଆଳ ରାସ୍ତାରେ ସ୍କୁଲ ଆସୁଥିବା ଛାତ୍ରୀଙ୍କୁ ଅଟକାଇ କମେଣ୍ଟ୍ ମାରିଥିଲେ। ଏଥିପୂର୍ବରୁ ଏହି ଯୁବକ ଦ୍ୱୟ ଉକ୍ତ ଛାତ୍ରୀଙ୍କୁ ଏଭଳି ବ୍ୟବହାର କରିଥିଲେ। ଏନେଇ ଛାତ୍ରୀ ଜଣକ ନିଜ ପରିବାରକୁ ଜଣାଇଥିଲେ। ସକାଳେ ଯୁବକ ଦ୍ୱୟ ପୁଣି ଛାତ୍ରୀଙ୍କୁ କମେଣ୍ଟ୍ ମାରିବା ସମୟରେ ଛାତ୍ରୀ ସେମାନଙ୍କ ସହିତ କଥାବାର୍ତ୍ତା ହେବା ସହ ତାଙ୍କ ମୋବାଇଲ ନମ୍ବର ମାଗି କିଛି ସମୟ ସେଠାରେ ଅଟକାଇଥିଲେ। ପୂର୍ବ ଯୋଜନା ମୁତାବକ ଛାତ୍ରୀ ତାଙ୍କ ବାପାଙ୍କୁ ଜଣାଇବା ପରେ ବାପା ଓ ଗ୍ରାମବାସୀ ସେଠାକୁ ଆସି ଯୁବକ ଦ୍ୱୟଙ୍କୁ କାବୁ କରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ। ଖବର ପାଇ ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ନଂ.୭୮୩/୨୩ ରୁଜୁ କରିବା ସହ ଯୁବକ ଦ୍ୱୟ ବ୍ୟବହାର କରିଥିବା ବାଇକ୍‌କୁ ଜବତ କରିଛି। ୩ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।




# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ କାରାଦଣ୍ଡ

## ୭୦ ହଜାର ଟଙ୍କା ଜରିମାନା

ଯାଜପୁର ଟାଉନ,୧୩।୧୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):



ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ଅଭିଜିତ୍ ପଲାଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ ଦାରାଦଣ୍ଡରେ ଦଣ୍ଡିତ କରିବା ସହ ୭୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ୨୧ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏଥିସହିତ ପୀଡ଼ିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅଗଷ୍ଟ ୫ରେ ବିଞ୍ଝାରପୁର ଥାନା ଅଞ୍ଚଳର ୯ ବର୍ଷୀୟା ନାବାଳିକା ସ୍କୁଲରେ ପିଲାମାନଙ୍କ ସହ ଖେଳୁଥିଲା। ତାଙ୍କ ମୁଣ୍ଡ ବିନ୍ଧିବାରୁ ସ୍କୁଲ ଗେଟ୍ ବାହାରକୁ ଆସିଥିଲେ। ଏହି ସମୟରେ ଅଳକୁଣ୍ଡ ନୂଆଗାଁ ଗ୍ରାମର ପ୍ରକାଶ ମଲ୍ଲିକ ଓରଫ ଟୁକୁଲୁ(୨୩) ନାବାଳିକାଙ୍କୁ କହିଥିଲେ ଯେ, ତାଙ୍କ ମା' ମାଉସୀ ଘରକୁ ଯାଇଛନ୍ତି ଓ ତାଙ୍କୁ ସେଠାକୁ ଯିବାକୁ କହି ସାଇକେଲରେ ବସାଇ ନେଇଯାଇଥିଲେ। ପରେ ପ୍ରୀତିପୁରରାସ୍ତାରେ ଏକ ପମ୍ପହାଉସ୍‌କୁ ନେଇ ସେଠାରେ ବଳାତ୍କାର କରିଥିଲେ। ଏହାପରେ ନାବାଳିକାଙ୍କୁ ସାଇକେଲ୍‌ରେ ବସାଇ ଘରକୁ ଆଣିଥିଲେ। ନାବାଳିକାଙ୍କ ବଡ଼ବାପା ଓ ମା'ଅଭିଯୁକ୍ତ ସହ ପୀଡ଼ିତାଙ୍କୁ ଦେଖିବାକୁ ପାଇଥିଲେ। ଏହି ସମୟରେ ଅଭିଯୁକ୍ତ ସାଇକେଲ୍‌ରୁ ଡେଇଁ ସେଠାରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣକ ସମସ୍ତ ଘଟଣା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୪୬୯/୨୨ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଟୁକୁଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବୃତ୍ତାନ୍ତ ଶୁଣାଣିକରି ୨୧ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।



## ସଂକ୍ଷେପରେ

### ବୃତ୍ତି ପରୀକ୍ଷାରେ ବାଲିଚନ୍ଦ୍ରପୁର ଶିଶୁ ମନ୍ଦିରର ସଫଳତା

**ବାଲିଚନ୍ଦ୍ରପୁର, ୧୩।୧୨ (ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷରେ ଅନୁଷ୍ଠିତ ସରକାରୀ ବୃତ୍ତି ପରୀକ୍ଷାରେ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ରୀ ସୁଶ୍ରୀ ରାଜଲକ୍ଷ୍ମୀ ମହାନ୍ତି ପ୍ରଥମ ସ୍ଥାନ, ସୁଶ୍ରୀ ଏ.ପି ତପସ୍ୟା ସାମଲ ତୃତୀୟ ସ୍ଥାନ ଓ ଆୟଷ ସିଂହ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ଛାତ୍ରୀଛାତ୍ରଙ୍କ ସଫଳତାରେ ବିଦ୍ୟାମନ୍ଦିରର ଗୌରବ ବୃଦ୍ଧି ପାଇବା ସହ ବାଲିଚନ୍ଦ୍ରପୁର ଅଞ୍ଚଳର ମଧ ଗୌରବ ବୃଦ୍ଧି ପାଇଛି। ପ୍ରଧାନଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବାଲିଚନ୍ଦ୍ରପୁର ଅଞ୍ଚଳର ବୁଦ୍ଧିଜୀବୀ ଓ ମୁରବିମାନେ ପିଲାମାନଙ୍କ ଏପରି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ବ୍ଲକରେ ଏହି ବୃତ୍ତି ପରୀକ୍ଷାରେ ଗୋଟିଏ ହେଲେ ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ଥାନିତ ହୋଇପାରିନାହାନ୍ତି।

### ୩୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ରାଇବଣିଆ (ନବୀନ ସାହୁ)/ ଜଳେଶ୍ୱର (ରବିନାରାୟଣ ପାତ୍ର), ୧୩।୧୨-ଜଳେଶ୍ୱର ଥାନା ଝାଡ଼େଶ୍ୱରପୁର ଗ୍ରାମର ଜଣେ ଯୁବକ ମଙ୍ଗଳବାର ପଶ୍ଚିମବଙ୍ଗରୁ ୩୦୦ ଗ୍ରାମ୍ ବ୍ରାଉନସୁଗାର ଆଣୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ବ୍ରାଉନସୁଗାର ସହ ୨ଟି ମୋବାଇଲ, ଏକ ବାଇକ୍ ଓ ୬ ହଜାର ଟଙ୍କା ଜବତ ହୋଇଛି। ଏହି ବ୍ରାଉନସୁଗାର ମୂଲ୍ୟ ୩୦ ଲକ୍ଷ ଟଙ୍କା ବୋଲି ଜଳେଶ୍ୱର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ବ୍ରାଉନସୁଗାର ଚାଲାଣ ଖବରପାଇ ଜଳେଶ୍ୱର ପୋଲିସ୍‌ର ଏକ ଟିମ୍ ଶାନ୍ତି ବାର ନିକଟରେ ଚଢ଼ାଉ କରିଥିଲା। ପୂର୍ବରୁ ଉକ୍ତ ଯୁବକଙ୍କ ସମ୍ପର୍କୀୟ ମଧ ଏହି କାରବାରରେ ଗିରଫ ହୋଇଥିବା ସୂଚନା ମିଳିଛି।

### ପ୍ରାକ୍ତନ ପଞ୍ଚାୟତ କଂଗ୍ରେସ ସଭାପତିଙ୍କ ପରଲୋକ

ବିଞ୍ଝାରପୁର, ୧୩।୧୨ (ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତର ପ୍ରାକ୍ତନ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସୂତାର (୯୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସୂତାର ଗତ ଶୁକ୍ରବାର ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ଓ ପରେ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ। ସୂତାର ଆଜୀବନ କଂଗ୍ରେସ ସଂଗଠନରେ ରହି କାର୍ଯ୍ୟ କରିବାସହ ଦୀର୍ଘଦିନ ପଞ୍ଚାୟତ ସଭାପତି ଥିଲେ। ମୃତଦେହକୁ କୁଆଁରପୁର ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା ଶିଶିର ନାୟକ, ବିଶନାଥ ଦାସଙ୍କ ସମେତ ବହୁ କର୍ମୀ ଓ ଗ୍ରାମବାସୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପିସିସି ସଭ୍ୟା କନକଲତା ମଲିକ, ଚନ୍ଦ୍ରଶେଖର ଧଳ, ଓ ନାରାୟଣ ମଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ସଚେତନତା ଦ୍ୱାରା ବିପର୍ଯ୍ୟୟ ମୁକାବିଲା ସୁଗମ ହେବ

### ଜିଲାସ୍ତରୀୟ ଗ୍ରାମ ଓ ଗ୍ରାମ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ଯୋଜନା କର୍ମଶାଳା

**ଯାଜପୁର ଟାଉନ, ୧୩।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**


କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର ମିଶନ ଶକ୍ତି ଭବନ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଗ୍ରାମ ଓ ଗ୍ରାମ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଶ୍ରୀନିବାସ କର ଯୋଗ ଦେଇଥିଲେ। ଜିଲା ଜରୁରୀ ଅଧିକାରୀ ତାପସ ରଞ୍ଜନ ସାହୁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ନିମାଇଁ ଚରଣ ଦାସ ମଞ୍ଚାସୀନ ଥିଲେ।

ଯାଜପୁର ଜିଲା ବନ୍ୟା, ବାତ୍ୟା ଓ ଭୂମିକମ୍ପପ୍ରବଣ ହୋଇଥିବାରୁ ଗ୍ରାମ ଓ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଲୋକଙ୍କୁ ବ୍ୟାପକ ସଚେତନତା କରାଯାଇପାରିଲେ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ଲୋକଙ୍କ ପଦକ୍ଷେପ, ବିପର୍ଯ୍ୟୟ ପରେ ପୁନଃ ଥଇଥାନ ଏବଂ ପୁନଃ ନିର୍ମାଣ କାର୍ଯ୍ୟ ସରଳ ଓ ସୁଗମ ହୋଇପାରିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ।

ବିପର୍ଯ୍ୟୟ ପରିଚାଳନାରେ ମଣ୍ଡଳ ଉନ୍ନୟନ ଅଧିକାରୀମାନେ ବିପର୍ଯ୍ୟୟ ମୁକାବିଲା କମାଣ୍ଡର ଦାୟିତ୍ୱ ନିର୍ବାହ କରି ଗ୍ରାମ ଓ ଗ୍ରାମ ପଞ୍ଚାୟତ ତଥା ବ୍ଲକ୍ ବିପର୍ଯ୍ୟୟ ପରିଚାଳନା ଯୋଜନା ଓ ଖସଡ଼ା ପ୍ରସ୍ତୁତ କରି ଜିଲାବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ଅଧକ୍ଷ ପରାମର୍ଶ ଦେଇଥିଲେ।

ଚଳିତ ବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ବିଭିନ୍ନ ବ୍ଲକ୍ ଅଧୀନ ମୋଟ୍ ୮୯ ପଞ୍ଚାୟତକୁ ନେଇ ୩୬୦ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜିଲା ଜରୁରୀ ଅଧିକାରୀ ସାହୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ, ନିର୍ବାଚିତ ପ୍ରତିନିଧି, ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇ କାର୍ଯ୍ୟ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଶୂନ୍ୟ ମୃତ୍ୟୁହାର ବଜାୟ ରଖି ଜିଲାର ଗୌରବକୁ ବିମଣ୍ଡିତ କରିବାକୁ ପ୍ରକାଶ କରିଥିଲେ।

ପରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଦାଶ ପାୱାର ପଏଣ୍ଟ ମାଧ୍ୟମରେ ୩୬୪ ଗ୍ରାମ ଓ ୮୯ ପଞ୍ଚାୟତର ବିପର୍ଯ୍ୟୟ ପରିଚାଳନା ଯୋଜନା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ପରିଚାଳନା ଯୋଜନା ରାଜ୍ୟ ସରକାରଙ୍କ ୫-ଟି ଅନ୍ତର୍ଭୁକ୍ତ ବୋଲି ସୂଚନା ଦେବା ସହ ରାଜ୍ୟ ସରକାର ବିପର୍ଯ୍ୟୟ ସମ୍ବନ୍ଧୀୟ ସୂଚନା ପାଇବା ପାଇଁ ସ୍ୱତନ୍ତ୍ର ଭାବେ ଏକ ଆପ୍ ପ୍ରସ୍ତୁତ କରିଛନ୍ତି ବୋଲି କହିଥିଲେ। ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠନ କରାଯିବ। ପ୍ରତ୍ୟେକ ଗ୍ରାମସ୍ତରରେ ଜଣେ ବରିଷ୍ଠ ୱାର୍ଡ ସଭ୍ୟା/ସଭ୍ୟଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ବ୍ଲକସ୍ତରରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ପାରିପାର୍ଶ୍ୱିକ ସମ୍ବଳ, ସମସ୍ୟା ଅନୁଧ୍ୟାନ କରି ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ସେହିପରି ବିପର୍ଯ୍ୟୟ ପରିଚାଳନା ୭ ସ୍ତମ୍ଭ ଏବଂ ୧୨ ଜାତୀୟ ବିପର୍ଯ୍ୟୟ ଏବଂ ୮ ରାଜ୍ୟ ବିପର୍ଯ୍ୟୟ ସମ୍ବନ୍ଧରେ ଦାଶ ବିସ୍ତୃତ ଆଲୋଚନା କେରିଥିଲେ। ଜିଲାରେ ୨୬ ବାତ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରୁ ଜନସାଧାରଣଙ୍କୁ ସ୍ଥାନାନ୍ତରଣ ପାଇଁ ୭୫ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଜାନୁୟାରୀ ୨୦୨୪ରେ ସାରିବାକୁ ଏବଂ ବ୍ଲକସ୍ତରୀୟ ଓ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଚଳିତ ମାସ ୩୧ ସୁଦ୍ଧା ସାରିବାକୁ ସେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାରେ ସମସ୍ତ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧକ୍ଷ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜରୁରୀ ଅଧିକାରୀ ତାପସ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ୧୨୩୦ ବୋତଲ କଫ୍ ସିରପ ଜବତ, ୨ ଗିରଫ

**ଯୋଡ଼ା, ୧୩।୧୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରର ମଧ୍ୟଭାଗସ୍ଥିତ ଦିପୁହଟିଂଠାରେ ଏକ ଘରେ ଅବକାରୀ ବିଭାଗ ଚଢ଼ାଉ କରି ୧୨୩ ଲିଟର ବା ୧୨୩୦ବୋତଲ କଫ୍ ସିରଫ ଜବତ କରିଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝୁମ୍ପୁହିହାଟିଂର ମହମ୍ମଦ ଇସ୍ତାକ ଓ ଦିପୁହଟିଂର କୁନି ସ୍ୱାଇଁ। ସୂଚନା ଅନୁଯାୟୀ, ମହମ୍ମଦ ଦିପୁହଟିଂରେ କୁନିଙ୍କ ଘର ଭଡ଼ା ନେଇ ନିଶା କାରବାର କରୁଥିଲେ। ଅବକାରୀ ବିଭାଗ ସୂଚନା ପାଇ ଅବକାରୀ ଅଧିକାରୀ ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ବେଣୁଧର ସାମଲ, ଚନ୍ଦନ ମଣ୍ଡଳ, ମାନସ ସାମନ୍ତରାୟ, ଜନାର୍ଦ୍ଦନ ପଲେଇ, ଫୁଲମଣି ନାଏକ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୧୨୩୦ ବୋତଲ କଫସିରପ ଜବତ କରିଥିବାବେଳେ ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଅବକାରୀ ପୋଲିସ ଏକ ମାମଲା (ନଂ. ୨୦୮/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି। ଯୋଡ଼ା, ଜୁରୁଡ଼ି, ବଲାଣି, ବଡ଼ବିଲ, ଗୁଆଲି ପ୍ରଭୃତି ଅଞ୍ଚଳରେ କଫସିରପ, ପ୍ଲାଜ୍‌ମୋ ଟାବ୍ଲେଟ, ଡେନ୍‌ଡ୍ରାଇଟ, ଆୟୋ ଡେକ୍ସ ସମେତ ଗଞ୍ଜେଇ, ଅଫିମ ପ୍ରଭୃତି ନିଶାଦ୍ରବ୍ୟ ଖୋଲାଖୋଲି ଭାବେ ବିକ୍ରି ହେଉଛି। ତେଣୁ ଏହିପରି ବିଭାଗୀୟ ଚଢ଼ାଉ ଜାରି ରଖିବାକୁ ଯୋଡ଼ା ଜନସାଧାରଣ ଦାବି କରିଛନ୍ତି।

## ଲୁକ୍କାୟିତ ପ୍ରତିଭା ବିକାଶର ମାଧ୍ୟମ ଆମ ଓଡ଼ିଶା, ନବୀନ ଓଡ଼ିଶା



କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ଅନ୍ୟମାନେ।

**ବରୀ, ୧୩।୧୨ (ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଏକ ମାଧ୍ୟମ। ଏହାଦ୍ୱାରା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କଳା, ସଂସ୍କୃତି, କ୍ରୀଡ଼ା ଓ ଅନ୍ୟାନ୍ୟ ଯୋଗ୍ୟତାର ବିକାଶ ହେବ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲ ସଭାପତିତ୍ୱ କରି ଯୁବ ସମାଜର ନୂଆ ଆଶା ଓ ସମ୍ଭାବନା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ଭବ ହୋଇପାରିବ ଏବଂ

### ଗୋପବନ୍ଧୁ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଗ୍ରାମାଞ୍ଚଳର ପ୍ରତିଭାବାନ କୃତୀ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟଠାରୁ ଆରମ୍ଭ କରି ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିବାରେ ସକ୍ଷମ ହେବେ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆମେରିକା ଓଡ଼ିଆ ସଂଗଠନର ପୂର୍ବତନ ସଭାପତି ଅନାଦି ଚରଣ ନାୟକ, ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଦେବପ୍ରସାଦ ସାମଲ ଓ ବରିଷ୍ଠ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କଲେଜ ପରିସରରେ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ମଧ ଆୟୋଜିତ କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶାର ଯୋଗଗୁରୁ ସୁରେଶ ଚନ୍ଦ୍ର ମହାପାତ୍ର, ବିଭୁଦେନ୍ଦୁ ନନ୍ଦ, ପଙ୍କଜ ବାସିନୀ ମହାନ୍ତି ଯୋଗଦେଇ ଯୋଗ ଓ ଯୋଗର ଉପାଦେୟତା ବିଷୟରେ ମନ୍ତବ୍ୟ ଦେବାସହିତ ଯୋଗ ଶିକ୍ଷା ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାଧ୍ୟାପକ ଡ. ନରୋତ୍ତମ ପରିଡ଼ା, ପ୍ରାଧ୍ୟାପିକା ମିତାଞ୍ଜଳି ମହାନ୍ତି, ପ୍ରାଧ୍ୟାପକ ବିମଳ କୁମାର ଜେନା, ପ୍ରାଧ୍ୟାପକ ଶାନ୍ତନୁ ଜେନା, ପ୍ରାଧ୍ୟାପକ ରାଖାଲ ଚନ୍ଦ୍ର ସେନାପତି, ଅଧାପକ ନାରାୟଣ ଚନ୍ଦ୍ର ଶାସିନ ଓ ଅଧାପକ ସୁଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ଅଭିଯୋଗରେ ୪ କୋର୍ଟଚାଲାଣ

ବିଞ୍ଝାରପୁର, ୧୩।୧୨ (ରାମକୃଷ୍ଣ ଦାସ):

ଚୋରି ଅଭିଯୋଗରେ ବିଞ୍ଝାରପୁର ପୋଲିସ ବୁଧବାର ୪ ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରୁଦ୍ରପୁର ଗ୍ରାମର ସୁଧାକର ମଲିକ, କଲ୍ୟାଣପୁର ଗ୍ରାମର ରାକେଶ ଯେନା, ପଞ୍ଚାନନ ମଲିକ ଓ ସିଂହପୁର ଗ୍ରାମର ଜଗବନ୍ଧୁ ସାହୁ।

ଅଭିଯୋଗ ମୁତାବକ, ମଙ୍ଗଳପୁର ଥାନା ବିରୁହାଁ ପଞ୍ଚାୟତ ସୋନନ୍ଦା ଗ୍ରାମର ଭରତ ଚନ୍ଦ୍ର ସାମଲ ଜଣେ ରାଜମିସ୍ତ୍ରୀ। ସେ ଶ୍ରମିକମାନଙ୍କୁ ନେଇ ବିଞ୍ଝାରପୁର ଥାନା କଲ୍ୟାଣପୁର ପଞ୍ଚାୟତରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି। ସୋମବାର ସକାଳେ କାର୍ଯ୍ୟ କ୍ଷେତ୍ରରେ ପହଞ୍ଚି ଦେଖିଲେ ଯେ, କାର୍ଯ୍ୟରେ ଲାଗିଥିବା ଲୁହା ପ୍ଲେଟ ସମେତ ଏକ ମେଶିନ ନାହିଁ। ତେଣୁ ସାମଲ ମଙ୍ଗଳବାର ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଶଙ୍କର୍ଷଣ ଦଳାଇ ନଂ.୪୫୨/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଭାର ଏସଆଇ ରାଜକିଶୋର ଲାହାଙ୍କୁ ଦେଇଥିଲେ। ଏସଆଇ ଲାହା ମଙ୍ଗଳବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବଡ଼ଚଣା, ୧୩।୧୨ (ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତର ଖରମଙ୍ଗି କୋଲାସିଂଠାରେ ଅବସ୍ଥାପିତ ଶ୍ରୀମାଶ୍ରୀଅରବିନ୍ଦ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ୩ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ୧୧ ତାରିଖରୁ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୀମସେନ ନାୟକ, ସିଆର୍‌ସିସି ସ୍ୱପ୍ନେଶ୍ୱର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କମିଟି ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଭିତରେ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ କରିବା ସହିତ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳିକୁ ବିକଶିତ କରିପାରିବ ବୋଲି ପ୍ରଧାନଶିକ୍ଷକ କହିଥିଲେ। ଉତ୍ସବର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି, ସିଆର୍‌ସି ସ୍ୱପ୍ନେଶ୍ୱର ଜେନା, ମୋ ସ୍କୁଲ ଅଭିଯାନର ସଭାପତି ସୁକେଶ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍ସବରେ ଭାଗନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ନାୟକ ଧନ୍ୟବାଦ ଦେଇଥିଲେ।



ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



କଳିଙ୍ଗନଗର ପୁସ୍ତକ ମେଳା ପାଇଁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ଓ ଅଧିକାରୀ।

## ଆଜିଠାରୁ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା

**ଯାଜପୁରରୋଡ୍, ୧୩।୧୨ (ପବିତ୍ର ରଞ୍ଜନ ମହାନ୍ତି):**

୮ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ଚୋରଦା ମେଲଣ ପଡ଼ିଆଠାରେ ଗୁରୁବାର ୧୪ ତାରିଖଠାରୁ ଆରମ୍ଭ ହେବ। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଜାତୀୟ ଓ ରାଜ୍ୟର ସୁନାମଧନ୍ୟ ଲେଖକମାନଙ୍କ ବହି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ପାଠକ ଓ ସ୍କୁଲ୍ କଲେଜର ଛାତ୍ରୀଛାତ୍ରମାନେ ଅପରାହ୍ନ ୩ଟାରୁ ରାତ୍ରି ୧୦ଟା ମଧ୍ୟରେ ବହି କ୍ରୟ କରିପାରିବେ।

ଏନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବ୍ୟାସନଗରସ୍ଥିତ କାର୍ଯ୍ୟାଳୟରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାସନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ଟାଟା ପାୱାରର ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ଯାଜପୁରରୋଡ୍ ଥାନା ଉପ ନିରୀକ୍ଷକ ଜ୍ୟୋତିରଞ୍ଜନ ମହାପାତ୍ର, ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ବୈଠକରେ ପୁସ୍ତକ ମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ କୁଶଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି, ମୁଖ୍ୟଉପଦେଷ୍ଟା ସବିତା ରାଉତ, ଅଭିମନ୍ୟୁ ମିଶ୍ର, ଦେବସ୍ମିତା ସାହୁ, ହୃଷୀକେଶ ସାହୁ, ପବିତ୍ର ରଞ୍ଜନ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ ଓ ଅଶୋକ କୁମାର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟ ଉପରେ ଆଲୋଚନା ସହ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମେଳାପାଇଁ କମିଟି ପକ୍ଷରୁ କଳିଙ୍ଗନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

## ମଞ୍ଚରେ ପ୍ରଦର୍ଶନ ହେବ ଗ୍ରାମାଞ୍ଚଳ ଲୋକକଳା

### ୧୬ତମ କୁଆଖିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**ରସୁଲପୁର, ୧୩।୧୨ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ୬୯ତମ ଲକ୍ଷ୍ମୀନାରାୟଣ ପୂଜାକୁ ଅଧିକ ସରସ ସୁନ୍ଦର କରିବା ପାଇଁ କୁଆଖିଆ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତବର୍ଷ ୧୬ତମ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମହୋତ୍ସବ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅଭିମନ୍ୟୁ ସାମନ୍ତସିଂହାର ଭବନ ପରିସରରେ ସଭାପତି ରାଜେଶ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଭଳି ଚଳିତବର୍ଷ ଗ୍ରାମାଞ୍ଚଳ ଲୋକକଳାକୁ ମଞ୍ଚରେ ପ୍ରଦର୍ଶନ କରାଯିବ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଶୃଙ୍ଖଳିତ ଓ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଛି। ମହୋତ୍ସବକୁ ସ୍ୱଚ୍ଛ ଓ ସୁସ୍ଥ ମହୋତ୍ସବରେ ପରିଣତ ପାଇଁ ସାରଙ୍ଗପରୁ ମେଲଣ ପଡିଆରେ ଖାଦ୍ୟସମାଗ୍ରୀ ଦୋକାନର ଖାଦ୍ୟ ମାନ ଯାଞ୍ଚ ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଯାତ୍ରା ପଡିଆରେ ପାର୍କିଂ ବ୍ୟବସ୍ଥା କରାଯିବ। ସନ୍ଧ୍ୟାରେ କୁଆଖିଆ-ହରିପୁର ରାସ୍ତାରେ ଭାରିଯାନକୁ ନିୟନ୍ତ୍ରଣ କରାଯିବା ସହ ଦର୍ଶକଙ୍କ ପ୍ରବେଶ ଓ ପ୍ରସ୍ଥାନ ପାଇଁ ୨ ଦ୍ୱାର ଖୋଲାଯିବ। ଯାତ୍ରା ପଡ଼ିଆରେ ଓରମାସ ପକ୍ଷରୁ ଷ୍ଟଲ ଲଗାଯିବା ସହ ରାଜ୍ୟର କୋଣଅନୁକୋଣରୁ ଆସୁଥିବା ବ୍ୟବସାୟୀଙ୍କ କାରବାର ପାଇଁ ସୁବନ୍ଦୋବସ୍ତ କରାଯିବ। ମିନାବଜାରଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଦୋଳି, ସର୍କସ, ପିଲାଙ୍କ ପାଇଁ କୃତ୍ରିମ ଜଳାଶୟରେ ବୋଟିଂ ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାତ୍ରୀଙ୍କୁ ସେବା ଯୋଗାଇ ଦିଆଯିବ। ଅଗ୍ନି ନିରାପତ୍ତା ଦିଗରେ ରସୁଲପୁର ଦମକଳବାହିନୀ ପକ୍ଷରୁ ବନ୍ଦୋବସ୍ତ କରାଯିବ। କୁଆଖିଆ ଥାନା ଓ ରସୁଲପୁର ତହସିଲ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା ବ୍ୟବସ୍ଥାକୁ ବଜାଇ ରଖିବା ସହ ଭିଡ ମଧ୍ୟରେ ପକେଟମାର୍, ଲୁଟେରାଙ୍କ ଗତିବିଧି ଉପରେ ଦୃଷ୍ଟିଦିଆଯିବ। ବଜାର ଅଞ୍ଚଳର ଦୋକାନଗୁଡ଼ିକରେ ଲାଗିଥିବା ସିସିକ୍ୟାମେରାକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

କମିଟି ପକ୍ଷରୁ ସୂଚନାକେନ୍ଦ୍ର ଖୋଲାଯାଇ ସହାୟତା ପ୍ରଦାନ କରାଯିବ। ସୁରକ୍ଷିତ ବିଦ୍ୟୁତ୍ ସେବା ଯୋଗାଣ ଉପରେ ବିଭାଗ ପକ୍ଷରୁ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ରସୁଲପୁର ବ୍ଲକ ଧର୍ମଶାଳା, କୋରେଇ, ବରୀ ନିର୍ବାଚନମଣ୍ଡଳିରେ ସାମିଲ ହୋଇଛି। ତେଣୁ ଏହି ବିଧାନସଭାକ୍ଷେତ୍ରରେ ପ୍ରତିନିଧିତ୍ୱ କରୁଥିବା ବିଧାୟକମାନଙ୍କୁ ସହାୟତା ପାଇଁ ନିବେଦନ କରାଯାଇଛି। ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ ରାଉତ କମିଟି ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶାସକ ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ କିଭଳି ମହୋତ୍ସବକୁ ମନଲୋଭା କରାଯିବ ସେ ଦାୟିତ୍ୱ ଅଧକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟିକା ଅଶୋକ ବଳ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବିଡିଓ ଅବନିକାନ୍ତ ସାହୁ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର ସାହୁ, ଏସ୍ଆଇ ଭାଗବତ ମହାଲିକ, କୁଆଖିଆ ବିଦ୍ୟୁତ ବିଭାଗ ଏସଡିଓ ସୀତାଶୁଂ ଶତପଥୀ, ଜିଲାପରିଷଦ ସଭ୍ୟ ଶିଶିର ମହାନ୍ତି, ଶଶିରେଖା ପୃଷ୍ଟି, ସରପଞ୍ଚ ସୁରେନ୍ଦ୍ର ଡିଆଡ଼ି, ଯୁବନେତା ଦୁଷ୍ମନ୍ତ ମଲିକ, ଅରୁଣ ସାହୁ, ସନ୍ତୋଷ ରାଉତ ଓ ପ୍ରଶାନ୍ତ ପରିଡ଼ା ଯୋଗଦେଇ ଥିଲେ।



ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି, ଅଧିକାରୀ ଓ ଅନ୍ୟମାନେ।

# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ପାଟକୁରା, ୧୩।୧୨ (ରବୀନ୍ଦ୍ର ନାଥ ବାରିକ)**

ପାଟକୁରା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଗଗନ ବିହାରୀ ମହାନ୍ତି(୮୩)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ପ୍ରଥମେ ପାଟକୁରା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରେ ମାର୍ଶାଘାଇ ହାଇସ୍କୁଲ ଓ କୋରୁଆ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏହାପରେ ସେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗରେ ସହକାରୀ ଡି ଆଇ ଭାବେ ଦାୟିତ୍ୱ ତୁଲାଇ ଥିଲେ । ଅବସର ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ । ଚାରା ରୋପଣ, ଗାଁର ଉନ୍ନତି ତଥା ସାମାଜିକ କାର୍ଯ୍ୟକ୍ରମରେ ସେ ସାମିଲ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଖବର ପାଇବା ପରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ତାଙ୍କ ବଡ଼ ପୁଅ ସାରଦା ପ୍ରସନ୍ନ ମହାନ୍ତି ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି।

# କ୍ଷତିପୂରଣ ମିଳିନି, ମେମୁ ଟ୍ରେନ୍ ବି ଚାଲିଲା ନାହିଁ

## କେନ୍ଦ୍ରାପଡ଼ାରେ ଯାତ୍ରୀବାହୀ ରେଳ ଚଳାଚଳ ପ୍ରସଙ୍ଗ

**କେନ୍ଦ୍ରାପଡ଼ା, ୧୩।୧୨ (ଜଗନ୍ନାଥ ଧଳ)**

ଆଗକୁ ସାଧାରଣ ନିର୍ବାଚନ ଆସୁଛି । କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ପଡିବା ଆରମ୍ଭ ହୋଇଛି । ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗଠନକୁ ମଜଭୁତ ପାଇଁ ପ୍ରୟାସ ଚାଲିଛି । ଜିଲାର ଆର୍ଥିକ ବୃଦ୍ଧି ପାଇଁ କୃଷି, ଶିଳ୍ପ ପ୍ରତି ଧ୍ୟାନ ଦେବା ସହିତ କ୍ଷେତକୁ ଜଳ ପରିଚାଳନା, ସବୁ ପଞ୍ଚାୟତକୁ ରାସ୍ତା, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ପରି ମୌଳିକ ସମସ୍ୟା ପ୍ରସଙ୍ଗ ହୋଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଗଡିବା ସ୍ୱପ୍ନ ପୂରଣକୁ ନେଇ ନେତାମାନେ ବୟାନବାଜି ଜାରି ରଖିଛନ୍ତି । ଅପରପକ୍ଷେ ଅଧିଗ୍ରହଣ ହୋଇଥିବା ଜମିର ସ୍ୱତ୍ୱାଧିକାରୀଙ୍କୁ ସମ୍ପୂର୍ଣ୍ଣ କ୍ଷତିଭରଣା ହୋଇନାହିଁ । ସେହିପରି କେନ୍ଦୁଝରରୁ ପାରାଦୀପ ପର୍ଯ୍ୟନ୍ତ ମେମୁ ଟ୍ରେନ ଚଳାଚଳ ପାଇଁ ଘୋଷଣା ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇନାହିଁ।

ଏ ସମ୍ପର୍କରେ ବୁଦ୍ଧଜୀବୀ ଗଣେଶ ଚନ୍ଦ୍ର ସାମଲ, ନିହାର ରଞ୍ଜନ ପ୍ରଧାନ, ଶିବାଶିଷ ମହାନ୍ତି, ପ୍ରତାପ କୁମାର ମହାନ୍ତି ପ୍ରମୁଖ କୁହନ୍ତି, ହରିଦାସପୁର ପାରାଦୀପ ରେଳପଥ ପାଇଁ ୧୯୯୮ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଫାଟକବିହୀନ ଏହି ରେଳପଥ ନିର୍ମାଣ ପାଇଁ ସମ୍ପ୍ରତି ରେଳ ବିକାଶ ନିଗମ ଲିମିଟେଡ ୨୯ ପ୍ରତିଶତ, ସାଗରମାଳା ଡେଭଲପମେଣ୍ଟ କମ୍ପାନୀ ଲିମିଟେଡ ୨୭ ପ୍ରତିଶତ, ରାଜ୍ୟ ସରକାର ୧୯ ପ୍ରତିଶତ, ଓଡ଼ିଶା ମାଇନିଂ କର୍ପୋରେଶନ ଲିମିଟେଡ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ୧୭.୬୧ ପ୍ରତିଶତ, ବିଭିନ୍ନ ଖଣି ଓ ଇସ୍ପାତ୍ କମ୍ପାନୀ ଅଂଶୀଦାର ଅଛନ୍ତି । ପୂର୍ବରୁ ଏହି ସ୍ପେଶାଲ ପରପୋଜ ଭେଇକିଲ (ଏସ୍‌ପିଭି)ରେ ଥିବା ପୋସ୍କୋ ଓହରି ଯାଇଛି । ପାରାଦୀପ ପୋର୍ଟ ସହିତ ବିଭିନ୍ନ ଖଣି ଅଞ୍ଚଳକୁ ଯୋଡି




ପଣ୍ୟ ପରିବହନ ପାଇଁ ଏହି ରେଳପଥ ନିର୍ମାଣ ହୋଇଥିଲା । କେନ୍ଦ୍ରାପଡ଼ା ଜିଲାର ୩୯ କି.ମି. ରେଳପଥ ପାଇଁ ଡେରାବିଶ, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୪୭ଟି ଗ୍ରାମର ମୋଟ ୮୨୭.୬୨୦ ଏକର ଜମି ଅଧିଗ୍ରହଣ ହୋଇଛି । ରେଳପଥ ମଧ୍ୟରେ ଥିବା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାର ଜମି ଅଧିଗ୍ରହଣ ସମୟରେ ମୋଟ ୧୮୬୦ଟି କ୍ଷତିପୂରଣ ମାମଲା ଆଗକୁ ଆସିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ୮୪୬ ମାମଲା ଥିଲା । ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାର ୩୭୩ ମାମଲାରୁ ୩୩୫ଟି ମାମଲା ଶେଷ ହୋଇଥିବା ବେଳେ ୩୮ ମାମଲା କୋର୍ଟରେ ଅଛି । ବଳକା ୪୭୩ ମାମଲା ମଧ୍ୟରୁ ୪୧୬ ମାମଲା ରେଳ କର୍ତ୍ତୃପକ୍ଷଙ୍କ ତୃଣମୂଳସ୍ତରରେ ଉଦ୍ୟମ ଜାରି ରହଛି। ଜମି ବାବଦ କ୍ଷତିପୂରଣ ପାଇଁ ନ ଥିବା ଲୋକଙ୍କ ସ୍ୱରରେ ଏହି ରାଜନେତାମାନେ କେବେ ସାମିଲ ହୋଇନାହାନ୍ତି ।

ସେହିପରି ଫାଟକବିହୀନ ରେଳପଥ ପାଇଁ ଭୂମିସ୍ତରଠାରୁ ୧୫ ଫୁଟ୍ ଉଚ୍ଚ ନିର୍ମାଣ ହୋଇଛି । ମାତ୍ର ନିୟମିତ ସାଇଫନ୍ ନ ଥିବାରୁ ଚାଷୀଙ୍କ ଜଳ ନିଷ୍କାସନ ଓ ସେଚନ ଏକ ସମସ୍ୟା ହୋଇଛି । ଉପଯୁକ୍ତ ସମୟରେ ରେଳପଥ ନିର୍ମାଣ ନ ହେବା କାରଣରୁ ଏହି ଜିଲାରେ ହେବାକୁ ଥିବା ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ହୋଇପାରିଲା ନାହିଁ । କେନ୍ଦ୍ର ସରକାରଙ୍କ ଅନୁଦାନ, ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ସବୁ ଦଳୀୟ ନେତାଙ୍କ ଉଣାଅଧିକ ଉଦ୍ୟମ ଅଛି । ଏହି ରେଳପଥ ପ୍ରାରମ୍ଭିକ ସମୟରେ ପଣ୍ୟ ପରିବହନ ପାଇଁ ନିର୍ମାଣ ହୋଇଥିଲେ ମଧ୍ୟ ଯାତ୍ରୀବାହୀ ରେଳ ଚଳାଚଳ ହେବ ବୋଲି ସଂସଦରେ ଆଲୋଚନା ହୋଇଛି । ଏପରି କି ଉତ୍କଳମଣି ଯୁବକ ସଂଘ ଆବାହକ ଗୌତମ ବେହେରାଙ୍କୁ ପାରାଦୀପରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ମେମୁ ଟ୍ରେନ ଚାଲିବା ପାଇଁ ପ୍ରକ୍ରିୟା ଜାରି ରହିଥିବା ଡେପୁଟି ଚିଫ୍ ଅପରେଶନ୍ସ ମ୍ୟାନେଜର ଡିଆର ପାଉଲ ଚିଠି (ନଂ-୯୫/୨୨)ରେ ଦର୍ଶାଇଛନ୍ତି । ଏହାସତ୍ତ୍ୱେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ରାଜନେତା ଏନେଇ କସରତ ଆରମ୍ଭ କରିଛନ୍ତି ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

# ଦୋକାନ ଜାଳିଦେଲେ ଦୁର୍ବୃତ୍ତ

## ଦେଢ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

**ଆଳି, ୧୩।୧୨ (ବନମାଳୀ ସେନାପତି)**

ଆଳି ଥାନା ନୂଆପଡା ଗ୍ରାମର ଅଭିରାମ ଦାସଙ୍କ ତେଜରାତି ଦୋକାନକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ଦେଇଛନ୍ତି । ଦୋକାନଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ଏହି ଘଟଣାରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ସହିତ ୫ ହଜାର ନଗଦ ଟଙ୍କା ଜଳିଯାଇଛି। ସବୁଦିନ ଭଳି ଅଭିରାମ ମଙ୍ଗଳବାର ରାତି ୮ଟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ରାତି ୧୦ ଟାରେ ତାଙ୍କ ଦୋକାନ ଜଳୁଥିବା ଖବର ପାଇ ଆସିବା ବେଳକୁ କେବିନ୍‌ଟି ହୁତୁହୁତୁ ହୋଇ ଜଳୁଥିଲା । ଗ୍ରାମବାସୀଙ୍କ ସହଯୋଗରେ ସେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା । କିନ୍ତୁ ସେତେବେଳକୁ ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ଦୋକାନ ପାଖରେ ଏକ ପେଟ୍ରୋଲ ଜାର ପଡ଼ିଥିବାରୁ କେହି ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିବା ସେ ସନ୍ଦେହ କରୁଛନ୍ତି । ଅଭିରାମ ଏହି ଦୋକାନରୁ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଗୁଜୁରାଣ ମେଣ୍ଟାନ୍ତି । ଦୋକାନ ଜଳିଯିବା ପରେ ପରିବାର କିପରି ପ୍ରତିପୋଷଣ କରିବେ ସେ ନେଇ ଅଭିରାମ ଚିନ୍ତାରେ ପଡିଛନ୍ତି। ଏ ନେଇ ସେ ନିଜ ପରିବାର ଲୋକଙ୍କୁ ନେଇ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି । କେତେଜଣ ଲୋକଙ୍କ ସହ ତାଙ୍କର ପାରିବାରିକ ଶତ୍ରୁତା ଥିଲା । କେହି ଉଦ୍ଦେଶ୍ୟମୂଳକ ଭାବେ ପେଟ୍ରୋଲ ଢାଳି ନିଆଁ ଦେଇଥିବା ସେ ସନ୍ଦେହ କରୁଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଜିଲାସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ




**ପଟ୍ଟାମୁଣ୍ଡାଇ, ୧୩।୧୨ (ଅକ୍ଷୟ ବିଶ୍ୱାଳ)**

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ବୁଧବାର କଷଣକଣ୍ଠା ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସଚିତ୍ର କୁମାର ବେହେରାଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଯୋଗଦେଇ ବିଜ୍ଞାନର ଜୟଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ମ୍ୟୁନିସ୍‌ପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ ଭୂୟାଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ଭୂୟାଁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ବିଶ୍ୱରଞ୍ଜନ ପୁହାଣ ଯୋଗ ଦେଇ ବିଜ୍ଞାନ ମଣିଷ ଓ ସମାଜକୁ ଅନ୍ଧକାରରୁ ଆଲୋକକୁ ନେଇଥାଏ ବୋଲି କହିଥିଲେ । ଜିଲା ବିଜ୍ଞାନ ପରିଦର୍ଶକ ନିଷିଧ ବାରିକ ଯୋଗଦେଇ କେନ୍ଦ୍ରାପଡ଼ାର କୁନି ବୈଜ୍ଞାନିକମାନଙ୍କର ଜୟଯାତ୍ରା ସମ୍ପର୍କରେ କହିଥିଲେ । ନିରଜ ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିବା ସହିତ ଶୁଭ୍ରାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡା, ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ମଳୟ କୁମାର ଜେନା, ବୀରବର ସେନାପତି, ଶିବପ୍ରସାଦ ମହାନ୍ତି, ଭାଗିରଥୀ ମହାନ୍ତି, ସୁରେଶ ଚନ୍ଦ୍ର ଜେନା, ପୀତବାସ ପଣ୍ଡା, ଦେବରାଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମନୋଜ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ମଙ୍ଗଳବାର ଜିଲାସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି କେନ୍ଦ୍ରାପଡା ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନ କେନ୍ଦ୍ର ଜଗତ୍‌ସିଂ ବୈଜ୍ଞାନିକ ଅରବିନ୍ଦ ଦାସ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ବେହେରା ଅଧ୍ୟକ୍ଷତା କରିଥିଲେ ।

# ବଡ଼ଭାଇ ଓଠ କାମୁଡ଼ି ଛିଡ଼ାଇଦେଲା ସାନଭାଇ

## ସଦର ଥାନାରେ ପୃଥକ୍ ମାମଲା ରୁଜୁ

**ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଆରିପଦା ଗ୍ରାମରେ ମଙ୍ଗଳବାର ପାରିବାରିକ କଳହକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି । ବଡ଼ଭାଇର ଓଠକୁ ସାନଭାଇ କାମୁଡ଼ି ଛିଡ଼ାଇ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏନେଇ କେନ୍ଦ୍ରାପଡ଼ା ସଦର ଥାନାରେ ୨ ଭାଇଙ୍କ ପରିବାର ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ ହୋଇଛି।

ପୋଲିସର ସୂଚନା ଅନୁଯାୟୀ, ଗୁରୁତର କାଳିନ୍ଦୀ ମଲିକଙ୍କ ଭାଇବୋହୂ ସୁନନ୍ଦା ଦେଇଥିବା ଏତଲା ଅନୁଯାୟୀ, ସେ ମଙ୍ଗଳବାର ସକାଳେ ଲୁଣାନଦୀରେ ଗାଧୋଉଥିବା ବେଳେ ତାଙ୍କ ଦାଦାଶ୍ୱଶୁରଙ୍କ ପୁଅ ପ୍ରଭାତ ଗାଧୁଆ ତୁଠରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଟଣାଓଟରା କରିଥିଲେ । ସୁନନ୍ଦା ଚିତ୍କାର କରିବାରୁ ତାଙ୍କ ଦେଢ଼ଶ୍ୱଶୁର କାଳିନ୍ଦୀ ଓ ଦିଅର ଘଟଣାସ୍ଥଳରେ ପହଞ୍ଚି ଯିବାରୁ ପ୍ରଭାତ ଦଉଡ଼ି ପଳାଇ ଯାଇଥିଲେ । ସୁନନ୍ଦା ଗାଧୋଇ ସାରି ଘରେ ପହଞ୍ଚିଲା ବେଳକୁ ପ୍ରଭାତ, ତାଙ୍କ ମା' ସଞ୍ଜୁଲତା, ସ୍ତ୍ରୀ ଭାନୁ ଓ ବାପା ସାନ୍ତନୁ ତାଙ୍କ ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ । ଏହାର ପ୍ରତିବାଦ କରିବାରୁ ପ୍ରଭାତ ମୋର ଦେଢ଼ଶୁର କାଳିନ୍ଦୀଙ୍କ ଓଠକୁ କାମୁଡ଼ି ଛିଣ୍ଡାଇ ନେବା ସହ ଅନ୍ୟ ସମସ୍ତେ ମିଶି ଭୁଜାଲି ଓ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ । ଆହାତ କାଳିନ୍ଦୀଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ ଅଧିକ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଏ ସମ୍ପର୍କରେ ଏକ ମାମଲା(ନଂ.୮୭୬/୨୩) ରୁଜୁ କରାଯାଇଛି । ଅପରପକ୍ଷେ ପ୍ରଭାତଙ୍କ ମା' ସଞ୍ଜୁଲତା, କାଳିନ୍ଦୀ ଓ ସୁନନ୍ଦାଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି । ସଞ୍ଜୁଲତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଅନ୍ୟ ଏକ ମାମଲା(ନଂ.୮୭୭/୨୩) ରୁଜୁକରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଗୋବିନ୍ଦ ଚନ୍ଦ୍ର ଦଳାଇ ସୂଚନା ଦେଇଛନ୍ତି ।

# ବରିଷ୍ଠ ନାଗରିକ ସମାଜ ପାଇଁ ଅମୂଲ୍ୟ ସମ୍ପଦ

## ପଣ୍ଡୁଆ ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଉତ୍ସବ

**ତିର୍ତ୍ତୋଲ/ରାହାମା, ୧୩।୧୨ (ଗୌରାଙ୍ଗ ସ୍ୱାଇଁ/ଶ୍ରୀକାନ୍ତ ଦାସ)**

ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜ ପାଇଁ ଅମୂଲ୍ୟ ସମ୍ପଦ, ସେମାନଙ୍କ ଉପଦେଶ ଓ ଅଭିଜ୍ଞତା ସମାଜକୁ ଦିଗଦର୍ଶନ ଦେଇଥାଏ। ତିର୍ତ୍ତୋଲ ଥାନା କୁଜଙ୍ଗ ବ୍ଲକ ପଣ୍ଡୁଆ ପଞ୍ଚାୟତ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ସଂଘର ୪ର୍ଥ ପ୍ରତିଷ୍ଠା ଉତ୍ସବ ଗୌଡ଼ସାହି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ବିଷ୍ଣୁ ଚରଣ ମୁଦୁଲି, ମୁଖ୍ୟବକ୍ତା ସାମାଜିକ କର୍ମୀ ପବିତ୍ର କୁମାର ମିଶ୍ର, ଶିକ୍ଷାବିତ ଗୌରୀଶ୍ୟାମ ଦାସ, ବରିଷ୍ଠ ନାଗରିକ ଗୌରାଙ୍ଗ ଚରଣ ଦାସ, ଉପସଭାପତି ବିକ୍ରମ କିଶୋର ପରିଡା, କବି ଅଶୋକ କୁମାର ଲେଙ୍କା, ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଅବସର ସମୟକୁ ସମାଜ ସେବା କ୍ଷେତ୍ରରେ ନିୟୋଜିତ କରିପାରିଲେ ଜୀବନର ଅବଶିଷ୍ଟ ସମୟ ନିରାମୟ ଓ ସୁଖଦ ରହିପାରିବ ବୋଲି କହିଥିଲେ। ସଂଘର ସମ୍ପାଦକ ଯଦୁମଣି ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।




ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକଘର ସମ୍ମୁଖରେ ଡାକ କର୍ମଚାରୀମାନେ ଧାରଣା ଦେଇଛନ୍ତି।

# ଗ୍ରାମ ଡାକ ସେବକ ସଂଘ ପକ୍ଷରୁ ଧାରଣା

**ପଟ୍ଟାମୁଣ୍ଡାଇ, ୧୩।୧୨ (କଳ୍ପତରୁ ନାୟକ)**

ଅଖିଳ ଭାରତ ଗ୍ରାମ ଡାକ ସେବକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗ୍ରାମୀଣ ଡାକ କର୍ମଚାରୀମାନେ ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକଘର ସମ୍ମୁଖରେ ଧାରଣା ଦେଇଥିଲେ । କାର୍ଯ୍ୟ ନିର୍ଘଣ୍ଟ ଦୈନିକ ୮ ଘଣ୍ଟା, ୫ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ଆଦି ବିଭିନ୍ନ ଦାବି ଅନ୍ତର୍ଭୁକ୍ତ । ବୁଧବାର ଧାରଣାର ଦ୍ୱିତୀୟ ଦିବସରେ ନରେନ୍ଦ୍ର ତ୍ରିପାଠୀ, କ୍ଷୀରୋଦ ନାୟକ, ଅଶୋକ ଜେନା, ଶୋଭନ ଖାଁ, ସମ୍ବିତ ନାୟକ, ପ୍ରକାଶ ପ୍ରଧାନ, ଚିତ୍ତ ମଲିକ, ସୁଧାଂଶୁ କର, ଲିପ୍ସା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ପ୍ରୀତି ନନ୍ଦା ପରିଡ଼ା, ଇପ୍ସିତା ସାହୁ, ସ୍ମୃତିପ୍ରଭା ସାହୁ, ବିକାଶ ସ୍ୱାଇଁ, ଦେବସ୍ମିତା ନାୟକ, ସୌମ୍ୟା ସାଗରିକା କର, ଅନୁ ରାଉତ, ଆୟୁଷ ନାୟକ, ରଶ୍ମି ରଞ୍ଜିତା ଭଳ, କାଜଲ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ନେତାମାନେ ପ୍ରକାଶ କରିଛନ୍ତି ।

# ସେମିଫାଇନାଲରେ ବରହମପୁର ଟିମ୍

## ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୨୫ ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ବୁଧବାର୍ ମ୍ୟାଚ୍‌ରେ କଟକ ଜିଲା ବରହମପୁର ଫୁଟବଲ୍ ଟିମ୍ ଓ ମୟୂରଭଞ୍ଜର ସୁପରଷ୍ଟାର ଫୁଟବଲ୍ ଟିମ୍ ପରସ୍ପରକୁ ଭେଟିଥିଲେ। ଖେଳର ପ୍ରଥମାର୍ଦ୍ଧରେ ବରହମପୁର ଟିମ୍ ସୁପରଷ୍ଟାର ଟିମ୍‌କୁ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ପୁନର୍ବାର ଆଉ ଗୋଟିଏ ଗୋଲଦେଇ ୨-୦ ଗୋଲ୍‌ରେ ଅଗ୍ରଣୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆସୋସିଏଶନ୍‌ର ସଭାପତି ନୃସିଂହ ଚରଣ ନାୟକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଭାଜପା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥଲେ । ବିଶ୍ୱରଞ୍ଜନ ସାମଲ ମ୍ୟାଚର ଧାରାବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମାରୁତି କମ୍ପାନୀ ତରଫରୁ ମ୍ୟାନ୍ ଅଫ୍ ମ୍ୟାଚ୍ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ଆଥ୍‌ଲେଟିକ୍ ଆସୋସିଏଶନ୍‌ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥି ଖେଳାଳିମାନଙ୍କ ସହିତ ପରିଚିତ ହେଉଛନ୍ତି।

# ରାସ୍ତାରେ ବାଲିଗଦା, ବଢୁଛି ଦୁର୍ଘଟଣା

- ବାଲି ହାଇୱା, ଟ୍ରକ୍‌ରେ ଘୋଡ଼ାଯାଉନି ପାଲ
- ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ଗାଇଡ୍ ଲାଇନ୍ ଉଲ୍ଲଂଘନ

**ପଟ୍ଟାମୁଣ୍ଡାଇ, ୧୩।୧୨ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଧୋୟାଅଞ୍ଚଳର ବ୍ରାହ୍ମଣୀନଦୀ ପଠାରୁ ଦୈନିକ ଶତାଧିକ ବାଲି ବୋଝେଇ ହାଇୱା, ଟ୍ରକଡାଲା ଉପରେ ପାଲ ନ ଘୋଡାଇ ତୀବ୍ର ଗତିରେ ଯାତାୟାତ କରୁଛନ୍ତି। ଏଥିଯୋଗୁ ବାଲି ଉଡି ରାସ୍ତାରେ ଯାଉଥିବା ସାଇକେଲ ଓ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ଉଭୟପାର୍ଶ୍ୱରେ ଏତେ ପରିମାଣର ବାଲି ଗଦା ହୋଇ ରହୁଛି ଯେ ବାଇକ୍ ଓ ସାଇକେଲ ଆରୋହୀଙ୍କ ଚକା ପଶି ଦୁର୍ଘଟଣା ମଧ୍ୟ ଘଟୁଛି। ତହସିଲ ବାଲିଘାଟ ନିଲାମ କରି ମୋଟା ଅଙ୍କର ରାଜସ୍ୱ ପାଉଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଗୌଣ କରାଯାଉଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଲୋକେ ନିଜ ଗନ୍ତବ୍ୟ ପଥକୁ ଯିବା ସମୟରେ ବାଟରେ ଅଟକି ରହିବାକୁ ପଡୁଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଧୋୟାଅଞ୍ଚଳ ବ୍ରାହ୍ମଣୀ ନଦୀପଠାରୁ ବେଆଇନ ଭାବେ ଶତାଧିକ ବାଲିଗାଡ଼ି ଅହରହ ଓଭର ଲୋଡ କରି ଚଳାଚଳ ଯୋଗୁ ରାସ୍ତାଘାଟ ଖରାପ ହେଉଛି। ବାଲିଗାଡ଼ି ଯୋଗୁ ରାସ୍ତା ଜାମ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଗାଡ଼ିରୁ ବାଲି ଉଡ଼ି ରାସ୍ତାରେ ପାଦେ ବହଳରେ ପଡ଼ିରହିଛି। ସେଗୁଡ଼ିକୁ



ଗାଡ଼ିରୁ ଖସି ରାସ୍ତା ଉପରେ ଜମା ହୋଇଥିବା ବାଲି।

ସଫା କରାଯାଉ ନ ଥିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। ସାଇକେଲ ଓ ବାଇକ୍ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ବି ପୋଲିସ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ପେଣ୍ଠପାଳ ସମିତିସଭ୍ୟ ଶଶାଙ୍କଶେଖର ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ, ଅର୍ଜୁନୀ ବିଶ୍ୱାଳ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳ ୭ ପଞ୍ଚାୟତ ମଧ୍ୟରୁ ନାହିଆଡ଼ିଆ, ଅମୃତମଣୋହି, ତରଡ଼ିପାଳରେ ବ୍ରହ୍ମଣୀ ନଦୀ ସଇରାତ ନିଲାମ ଦିଆଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ହେଲେ ଦାମୋଦରପାଟଣା ଭଳି ଅନ୍ୟ କେତେକ ସଇରାତରୁ ପ୍ରତ୍ୟହ ବାଲି ବେଆଇନ ଭାବେ ଚାଲାଣ ହେଉଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡ୍‌ଲାଇନ ଓ ରାଜ୍ୟ ଲଘୁ ଖଣିଜ ଦ୍ରବ୍ୟ ଆଇନ ଅନୁଯାୟୀ ବାଲିଘାଟ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବା କଥା। କିନ୍ତୁ ଦିନରାତି ୨୪ ଘଣ୍ଟା ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇଛି। ଦୈନିକ ଶତାଧିକ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ବାଲି ବୁହାଯିବାରୁ ରାସ୍ତା ଓ ନଦୀପଠାରେ ଗାତ ହୋଇ ପିଚୁ ରାସ୍ତା ନଷ୍ଟ ହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତାଟି ଏକପ୍ରକାର ବାଲି ଚାଲାଣର କରିଡର ପାଲଟିଛି । ପୋଲିସ ଓ ରାଜସ୍ୱ କର୍ମଚାରୀମାନେ ବାଲିଘାଟ ନିଲାମଧାରୀଙ୍କଠାରୁ ମାସିକିଆ ଚାନ୍ଦା ନେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାସ୍ତାଗୁଡ଼ିକରୁ ବାଲି ସଫା କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଓଭରଲୋଡିଂ ଭାରିଯାନଗୁଡ଼ିକ ଯୋଗୁ ଅନେକ ସ୍ଥାନରେ ରାସ୍ତା ଖାଲ ହେବା ସହ ଫାଟି ଯାଇଛି। ବାଲି ଗାଡ଼ି ଡାଲା ଉପରେ ପାଲ ଘୋଡା ଯାଉ ନ ଥିବାରୁ ରାସ୍ତାରେ ବାଲି ପଡ଼ିବା ସହ ପାର୍ଶ୍ୱବର୍ତ୍ତୀ ଜନବସତି ପ୍ରତି ବିପଦ ସୃଷ୍ଟି କରୁଛି। ଏହି ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯାତାୟାତ କରୁଥିବା ବେଳେ କୌଣସି ରୋଗୀ, ଗର୍ଭବତୀ ଚିକିତ୍ସାଳୟ ଯିବାକୁ ହେଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ, ଓଭର ଲୋଡ୍ ଓ ବାଲି ବୋଝେଇ ଗାଡ଼ିର ଡାଲା ଉପରେ ପାଲ ବା ଜରି ଘୋଡା ଯାଉ ନ ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଡିଓଙ୍କ ସହିତ ଯୋଗାଯୋଗ କରି ରାସ୍ତାରୁ ବାଲି ଉଠାଇବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନାବାଳକଙ୍କୁ ଉଦ୍ଧାରକଲେ ସ୍ୱେଚ୍ଛାସେବୀ, ପୋଲିସ

**ପାଣିକୋଇଲି, ୧୩।୧୨(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ମା' ତାରିଣୀ ମନ୍ଦିର ନିକଟରୁ ଜଣେ ନାବାଳକଙ୍କୁ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଉଦ୍ଧାର କରାଯାଇଛି। ପରେ ପୋଲିସ ସହାୟତାରେ ତାଙ୍କୁ ଚାଇଲ୍ଡ କେୟାରରେ ଛଡ଼ାଯାଇଛି। ମଙ୍ଗଳବାର ରାତିରେ ତାରିଣୀ ମନ୍ଦିର ନିକଟରେ ନାବାଳକଙ୍କୁ ଏକୁଟିଆ ଦେଖି ସ୍ଥାନୀୟ ଅଧିବାସୀମାନେ ଆମେ ଆପଣଙ୍କ ପାଇ ହେଲପିଂ ଗ୍ରୁପକୁ ଖବର ଦେଇଥିଲେ। ଗ୍ରୁପର ସଭାପତି ଅଶୋକ କୁମାର ଦାସ, ହରେକୃଷ୍ଣ ସାହୁ, ମେଘନାଦ ଜେନା ପ୍ରମୁଖ ସେଠାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଶୀତରେ ଥରୁଥିବା ନାବାଳକଙ୍କୁ ଖାଦ୍ୟ ଓ ଶୀତବସ୍ତ୍ର ପ୍ରଦାନ ପରେ ସେ ତାଙ୍କ ପରିଚୟ ଜଣାଇଥିଲା। ସେ କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳର ଶତ୍ରୁଘ୍ନ ସେଠୀଙ୍କ ପୁଅ ଆଲୋକ ସେଠୀ(୧୧) ବୋଲି କହିଥିଲେ। ମା'ଛେଉଣ୍ଡା ଆଲୋକ ବାପା ମାରିବାରୁ ଘରୁ ରାଗି ପଳାଇ ଆସିଥିଲେ ବୋଲି ପ୍ରକାଶ କରିଥିଲେ। ଏକଥା ପୋଲିସ ଜାଣିବା ପରେ ତାଙ୍କ ବାପାଙ୍କୁ ଖବର ଦେଇଥିଲା। ମାତ୍ର ତାଙ୍କ ବାପା ଆଲୋକଙ୍କୁ ନେବାକୁ ନ ଆସିବାରୁ ବାଧ୍ୟ ହୋଇ ପୋଲିସ ସହାୟତାରେ ସ୍ୱେଚ୍ଛାସେବୀମାନେ ତାଙ୍କୁ ଯାଜପୁର ଟାଉନସ୍ଥିତ ଚାଇଲ୍ଡ କେୟାରରେ ନେଇ ଛାଡିଥିଲେ। ଥାନା ପକ୍ଷରୁ ଏସ୍ଆଇ ପ୍ରକାଶ କୁମାର ପ୍ରଧାନ, ସ୍ମୃତି ମଞ୍ଜରି ବଡ଼ଜେନା, ଏଏସ୍ଆଇ ସୁଜିତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ସହାୟତା ପ୍ରଦାନ କରିଥିଲେ।

### ଫେରିଘାଟରେ ବୁଡ଼ିଲା ଟ୍ରଲର ବର୍ତ୍ତିଲେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ

**ଚାନ୍ଦବାଲି, ୧୩।୧୨(କିଷାନ ପାତ୍ର):** ଭଦ୍ରକ ଜିଲା ଚାନ୍ଦବାଲି ନିକଟ ବୈତରଣୀ ନଦୀ ତିନିତର ଫେରୀଘାଟ ନିକଟରେ ସେତୁ ନିର୍ମାଣରେ ନିୟୋଜିତ ଥିବା ଟ୍ରଲର ବୁଧବାର ବୁଡ଼ିଯାଇଥିଲା। ଏଥିରେ ଥିବା ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ତିନିତର ସେତୁ ନିର୍ମାଣରେ ନିୟୋଜିତ ହୋଇଥିବା ଯନ୍ତ୍ର ଚଳିତ ଟ୍ରଲରଟି ଯାନ୍ତ୍ରିକ ତ୍ରୁଟି କାରଣରୁ ନଦୀରେ ବୁଡ଼ିଯାଇଥିଲା।

# ଧର୍ମଶାଳାରେ ବଢ଼ି ଚାଲିଛି ଆପରାଧିକ କାର୍ଯ୍ୟକଳାପ

## ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପରେ ଦୁର୍ବୃତ୍ତଙ୍କ ନଜର

**ଧର୍ମଶାଳା/କାଏମା, ୧୩।୧୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏଠାରେ ୭ ଦିନ ମଧ୍ୟରେ ୩ ଅପହରଣ ଉଦ୍ୟମ ଘଟଣା ଘଟିବା ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଭୟର ବାତାବରଣ ଦେଖାଦେଇଛି। ସ୍କୁଲ୍‌କୁ ପିଲାଙ୍କୁ ଛାଡ଼ିବା ପାଇଁ ଅଭିଭାବକ ଭୟ କରୁଛନ୍ତି। ଚାରିଆଡ଼େ ଆଲୋଚନାର ବିଷୟ ପାଲଟିଛି ଏହି ଅପହରଣ ଉଦ୍ୟମ ଘଟଣା। ସ୍କୁଲ୍ ଯିବା ବାଟରେ ଛାତ୍ରୀଛତ୍ରଙ୍କୁ ଟାର୍ଗେଟ କରୁଛନ୍ତି ଅପହରଣକାରୀ। ଏମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ, ଡରାଇ ଧମକାଇ ପିଲାଙ୍କୁ ଅପହରଣ କରିବା ପାଇଁ ଉଦ୍ୟମ କରୁଛନ୍ତି। ସେହିପରି ରୋଡ ରୋମିଓଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଦ୍ରୁତଗତିରେ ଗାଡ଼ି ଚାଳନା ସହ ବିକଟାଳ ଶବ୍ଦ କରି ଅଞ୍ଚଳରେ ହଇଚଇ ସୃଷ୍ଟି କରିଛନ୍ତି ରୋଡ୍ ରୋମିଓ।

ଗତ ୬ ତାରିଖରେ ଧର୍ମଶାଳା ଆଦର୍ଶ ବିଦ୍ୟାଳୟ ଛାତ୍ର ସାଇ ପ୍ରସାଦଙ୍କୁ ଅପହରଣ ଉଦ୍ୟମ ହୋଇଥିଲା। ଗତ ସୋମବାର ଜାରକା ଜମୁବଣିଆ ଅଞ୍ଚଳରେ ଥିବା ଗୁରୁକୁଳର ୫ମ ଶ୍ରେଣୀ ଛାତ୍ର ସୂର୍ଯ୍ୟାଂଶୁ ବାରିକ ସ୍କୁଲ୍‌ରୁ ଫେରୁଥିବା ସମୟରେ ତାଙ୍କ ଘର ନିକଟ ରାସ୍ତାରେ ଦୁଇ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ କୁରକୁରେ ଖାଇବାକୁ ଯାଚିଥିଲେ। ସେ ନିଜ ବୁଦ୍ଧି ବଳରେ ନିଜକୁ ବଞ୍ଚାଇଥିଲେ। ମଙ୍ଗଳବାର ଏହି ଅଞ୍ଚଳର ବାଣୀପୀଠ ବିଦ୍ୟାଳୟର ୭ମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଅପହରଣ ଉଦ୍ୟମ କରିଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ଏକ ବୁଦାମୂଳରୁ ଉଦ୍ଧାର କରାଯାଇଥିଲା। ସ୍କୁଲ ଯାଉଥିବା ସମୟରେ ୩ ଅପରିଚିତ ଯୁବକ ତାଙ୍କୁ ବାଟରେ ଅଟକାଇ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଛାତ୍ରୀ ଜଣଙ୍କ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ଧର୍ମଶାଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଛାତ୍ରୀ ଜଣଙ୍କ ବ୍ୟାଗରେ ଥିବା ମୋବାଇଲକୁ ଟ୍ରାକ କରି ତାଙ୍କୁ ଉଦ୍ଧାର କରାଯାଇଥିଲା। ଏବେ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏସବୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ଉପରେ ନଜର ରଖାଯିବା ସହ ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ ଉପରେ ଦୃଷ୍ଟି ଦିଆଯିବ।

# ଇମ୍ଫା ପକ୍ଷରୁ ଖଣି ସୁରକ୍ଷା ସପ୍ତାହ ପାଳିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**କାଳିଆପାଣି, ୧୩।୧୨(ଅସିତ ମହାନ୍ତ):**

ଇମ୍ଫା କମ୍ପାନୀ ମାହାଗିରି ଓ ସୁକିନ୍ଦା ଖଣିରେ ୪୨ ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭୁବନେଶ୍ୱର ରିଜିୟନ ଅଧୀନରେ କାର୍ଯ୍ୟ କରୁଥିବା ଦୁଇ ଖଣିରେ ପ୍ରଥମ ଦିନରେ ମାହାଗିରି ଖଣିରେ ଖଣି ପରିଚାଳକ ଲଲାଟେନ୍ଦୁ ମହାପାତ୍ର ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁକିନ୍ଦା ଖଣିରେ ଖଣି ପରିଚାଳକ ରାଜେଶ ରାମଧର୍ ଶର୍ମା ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ପରେ ଉପସ୍ଥିତ କର୍ମଚାରୀଙ୍କୁ ଖଣି ନିୟମ ପାଳନ ପାଇଁ ଶପଥ ପାଠ କରାଇଥିଲେ। ଖଣି ପରିଦର୍ଶନମଣ୍ଡଳୀ ମୁଖ୍ୟ ହରିଦ୍ୱମ ବେହେରାଙ୍କ ନେତୃତ୍ୱରେ ମହାଗିରି ଖଣି ଓ ନିହାର ପାତ୍ର ଆବାହକଙ୍କ ଅବାହନରେ ସୁକିନ୍ଦା ଖଣି ପରିଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ଖଣି ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଖଣି ମୁଖ୍ୟ ସନ୍ଦୀପ ବାପୁ ରାଓ ନାରାଡେ ଉଦ୍‌ଘାଟନ କରିଥିଲେ। ପରିଚାଳକ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜେଶ ରାମଧାର ଶର୍ମା ଧନ୍ୟବାଦ ଦେଇଥିଲେ। ଖଣିମୁଖ୍ୟ ନାରାଡେ ଖଣି ସୁରକ୍ଷା ସହ ନିଜେ ସୁରକ୍ଷିତ ରହିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କଲୋନୀ ଅନ୍ତେବାସୀ ଓ ସ୍କୁଲ ପିଲାଙ୍କ ମଧ୍ୟରେ ଖଣି ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ, ପୋଷ୍ଟର, ସଙ୍ଗୀତ, ଡ୍ରାଇଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନୀର ଲୋକସମ୍ପର୍କ ବିଭାଗ ବରିଷ୍ଠ ଅଧିକାରୀ ପ୍ରଭାତ ସିଂହ ଓ ଅଧିକାରୀ ମିଳନ ରଞ୍ଜନ କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଦର ମହୋତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର

**ଯାଜପୁର ସଦର, ୧୩।୧୨(ସମର ବିଜୟ ଶରଣ):**

ଯାଜପୁର ବ୍ଲକ୍ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆଠାରେ ଗଜି ପାଢ଼ୀ ଛକ ମା' ରକ୍ଷାକାଳୀ ବଣିକ ସଂଘ ସହଯୋଗରେ ସଦର ମହୋତ୍ସବ ଅନୁଷ୍ଠିତ ହେବ। ଏହା ୧୬ ତାରିଖ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ମନ୍ଦିର ପାର୍ଶ୍ୱରେ ସୁନ୍ଦରତୋରଣ କାର୍ଯ୍ୟ ଚାଲିଥିବାବେଳେ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ଗଢ଼ିବାରେ ଶିଳ୍ପୀ ଲାଗି ପଡ଼ିଛନ୍ତି। ବିଦ୍ୟୁତ୍‌ଚାଳିତ ଦୋଳି, ମିନାବଜାର, ଉଠା ଦୋକାନ ଓ ମହୋତ୍ସବର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ଅସ୍ଥାୟୀ ମଣ୍ଡପ ନିର୍ମାଣ ଚାଲିଛି। ୨୦ ନମ୍ବର ଜାତୀୟ ରାଜପଥରେ ସୁଉଚ୍ଚ ତୋରଣ ସାଙ୍ଗକୁ ଦଶହରା ପଡ଼ିଆକୁ ରଙ୍ଗବେରଙ୍ଗର ଆଲୋକସଜା ଚାଲିଛି। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀଅଭିନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟି ଅଧ୍ୟକ୍ଷ ବ୍ରଜକିଶୋର ପାଢ଼ୀ, ସଭାପତି ବିଜୟ ପାଢ଼ୀ, ସମ୍ପାଦକ ମୋହନ ସୁନ୍ଦର୍ ରାଉତ, ମୁଖ୍ୟ ଉଦ୍ୟୋକ୍ତା ମାଧବ ମାଝି, ବଳଭଦ୍ର ରାଉତ ଓ ବିଜୟ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି।

# ଲଳିତେଶ୍ୱର କଳା ପରିଷଦର ସାଂସ୍କୃତିକ ପ୍ରତିଯୋଗିତା


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଯାଜପୁର ଟାଉନ, ୧୩।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହରସ୍ଥ ଲଳିତେଶ୍ୱର କଳା ପରିଷଦ ପକ୍ଷରୁ ରୌପ୍ୟ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ପ୍ରତିଯୋଗିତା କଲେଜ ଛକ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। କଳା ପରିଷଦ ସମ୍ପାଦକ ନଟବର ଯେନାଙ୍କ ଆୟୋଜନକ୍ରମେ ବିଚିତ୍ରପୁର ପୂର୍ବତନ ସରପଞ୍ଚ ବିଳାସ ରାଉତରାୟ ଏବଂ ସରପଞ୍ଚ ଦେବାଶିଷ ପଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହିମଞ୍ଚରେ ପରିଷଦ ସଭାପତି ମହେନ୍ଦ୍ର ସାମଲ, ସହସମ୍ପାଦକ ଅନିରୁଦ୍ଧ ପରିଡ଼ା, ସଭ୍ୟ ନକୁଳଦେବ ସାହୁ, ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ଧଳ, ଲକ୍ଷ୍ମୀଧର ଦତ୍ତ, ରାଜଶ୍ରୀ ଯେନା ଓ ପ୍ରଣତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଭକ୍ତି ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, କଣ୍ଠ ସଙ୍ଗୀତ, ତବଲା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସର୍ବକନିଷ୍ଠସ୍ତରରେ ୧୨୨ପ୍ରତିଯୋଗୀ ଭାଗ ନେଇଥିବାବେଳେ, କନିଷ୍ଠ ବିଭାଗରେ ୫୮, ବରିଷ୍ଠ ବିଭାଗରେ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅଜୟ କୁମାର ପ୍ରଧାନ, ନରେନ୍ଦ୍ର କୁମାର ମଲିକ, କୃତିବାସ ଯେନା ଓ ଅମରେଶ ଦାଶ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥିଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ କପ୍ ଦେଇ ସମ୍ମାନିତ କରିଥିଲେ। ଏହି ମଞ୍ଚରେ ନଟବର ଯେନା, କୈଳାସ ବେହେରା, ଚିତ୍ତରଞ୍ଜନ ନାୟକ, ଦେବାଶିଷ ପଣ୍ଡା, ଅନିରୁଦ୍ଧ ପରିଡ଼ା, ନକୁଳଦେବ ସାହୁ ଓ ବିଳାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଘଟରେ ସାମିଲ ହେଲେ ଡାକସେବକ


ଆନ୍ଦୋଳନରେ ସାମିଲ ହୋଇଥିବା ଗ୍ରାମୀଣ ଡାକସେବକମାନେ।

**ବାଲିଚନ୍ଦ୍ରପୁର, ୧୩।୧୨(ଗିରିଜା ପ୍ରସାଦ ସାହୁ):** କେନ୍ଦ୍ର ସରକାରଙ୍କ ଡାକସେବକଙ୍କ ପ୍ରତି ବୈମାତୃକ ମନଭାବ ନେଇ ଦେଶ ବ୍ୟାପୀ ଅନିର୍ଦ୍ଦିଷ୍ଟ କାଳପାଇଁ ଧର୍ମଘଟ ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ରାପଡ଼ା ଡାକମଣ୍ଡଳ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଉପଡ଼ାକଘର ଅଧୀନରେ ଯେତେ ଶାଖା ରହିଛି ସେଠାରେ କାର୍ଯ୍ୟରତ ଗ୍ରାମୀଣ ଡାକସେବକମାନେ ସାମିଲ ହୋଇ ବାଲିଚନ୍ଦ୍ରପୁର ଉପଡ଼ାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୫ ଦଫା ଦାବି ନେଇ ସର୍ବଭାରତୀୟ ସଂଘକୁ ସମର୍ଥନ ଜଣାଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଧର୍ମଘଟ କରିଛନ୍ତି। କେନ୍ଦ୍ର ସରକାର ଡାକସେବକଙ୍କ ନ୍ୟାୟୋଚିତ ଦାବି ଉପରେ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରଣା କରିଥିବାରୁ କର୍ମଚାରୀ ଆର୍ଥୀକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ସେମାନଙ୍କ ଧର୍ମଘଟ କାରଣରୁ ଉପଡ଼ାକଘର ଏବଂ ତାହାର ଶାଖାରେ ଆର୍ଥିକ କାରବାର ପ୍ରଭାବିତ ହୋଇଥିବାବେଳେ ଗ୍ରାହକମାନେ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ଡାକସେବକଙ୍କ ୮ ଘଣ୍ଟା କାର୍ଯ୍ୟ ନିଘଣ୍ଟ କରାଯିବା, ପ୍ରତି ୧୨ ବର୍ଷରେ ଆର୍ଥିକ ପଦଉନ୍ନତି, ଡାକସେବକଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ, ପେନସନ, ଗ୍ରାଚୁଇଟି, ସେଭରାନସ୍ ଆଲଉନ୍ସ ପ୍ରଦାନ ଏବଂ ଟାର୍ଗେଟ ନାମରେ ଅଧିକାରୀଙ୍କ ଜୁଲମ ଆଦି ରହିଥିବା ଡାକସେବକମାନେ ସୂଚନା ଦେଇଛନ୍ତି। ସେମାନଙ୍କ ଦାବି ନ୍ୟାୟୋଚିତ ଥିବାରୁ ତାହାକୁ ସମର୍ଥନ ଜଣାଇ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଧ୍ରୁବଚରଣ ସେଠୀ ସାମିଲ ହୋଇଥିବା ଜଣାପଡ଼ିଛି।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଓ୍ୱା/ବାକୁଡିହ/ତାଲଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ୍/ହପର୍‌ରେ ୫୦ ମିମି ମେଶିନ୍ କ୍ରସ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସିଂହପୁର, ୧୩।୧୨(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଆଶିଷ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶକୁନ୍ତଳା ମଲ୍ଲିକ, ମୁଖ୍ୟବକ୍ତା ଯୁକ୍ତ ୩ ଅଧ୍ୟକ୍ଷ ଜୟଦେବ ଥାଟୋଇ, ରଞ୍ଜନ ବଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁନୀଲ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଆଲୋକ କୁମାର ସାମଲ ବିଭିନ୍ନ ଉପାଦେୟ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅବନୀ ରାୟ, ଆଲୋକ ଚନ୍ଦ୍ର ବାରିକ, ଦିଲୀପ ରାଉତ ଓ ସରୋଜ କାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ରୁ ଶିଳ୍ପ ବାଣିଜ୍ୟ ମେଳା

**ଯାଜପୁରରୋଡ୍, ୧୩।୧୨(ପବିତ୍ର ରଞ୍ଜନ ମହାନ୍ତି):** ୩୪ତମ ଶିଳ୍ପ ବାଣିଜ୍ୟ ମେଳା ଆସନ୍ତା ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ଯାଜପୁରରୋଡ୍ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ମେଳାରେ ଶିଳ୍ପ, ଖଣି, ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପ, ଯାନବାହନ ଉଦ୍ୟୋଗ, ଗୃହନିର୍ମାଣଆଦି ବିଭିନ୍ନ ଷ୍ଟଲ ସ୍ଥାନ ପାଇବ। ଏଥିସହିତ ଭାରତ ସରକାରଙ୍କ ହସ୍ତଶିଳ୍ପ ଉନ୍ନୟନ ଆୟୁକ୍ତଙ୍କ ସହଯୋଗରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଳ୍ପୀ ଓ ଦ୍ରବ୍ୟର ଷ୍ଟଲ ସ୍ଥାନ ପାଇବ। ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ ଶିଳ୍ପ ସଂସ୍ଥା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗ ମେଳାରେ ଅଂଶ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ଓ ଖାଦ୍ୟ ଷ୍ଟଲ ସ୍ଥାନ ପାଇବ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଭିକିପୁର ଗ୍ରାମର ସାଧାରଣ ନାଗରିକ ବିଦ୍ୟାଧର ମାଝି(ମଦନ ଭାଇ), ସମ୍ମାନିତ ଅତିଥି ଭାବେ ଯାଜପୁର ରୋଡ଼ ଅଞ୍ଚଳର ସାଧାରଣ ନାଗରିକ ସେକ ମେହେମୁଦ ଏବଂ ଯୋଗୀନ୍ଦର ସିଂ ପ୍ରମୁଖଙ୍କୁ ଯୋଗଦାନ ପାଇଁ ନିମନ୍ତ୍ରଣ କରାଯାଇଛି। ମେଳାର ସାଂସ୍କୃତିକ ମଣ୍ଡପ 'ଅକ୍ଷୟ ମଣ୍ଡପ'ରେ ୧୧ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୧ ତାରିଖରେ ଜାମ୍ସେଦପୁରର ଗିଟାର ବାଦକ ଅଫରୋଜ ଅନୱାର, ଅମାନତ ଅଲ୍ଲୀ, ହୀରକ ସିଂ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ୨୩ ତାରିଖ ସନ୍ଧ୍ୟାରେ କୋଲକାତାର ପ୍ରସିଦ୍ଧ 'ରିଦିମ ଓ ବଏଜ' ସହିତ 'ନିଲିଶା ବସକ' ରକ ନାଇଟ ସହିତ ୨୪ରେ କୋଲକାତାର ସଲିମ ମ୍ୟୁଜିକାଲ ଗ୍ରୁପ ଦ୍ୱାରା କିଶୋର କୁମାର ଓ ମହମ୍ମଦ ରଫିଙ୍କର ସଙ୍ଗୀତ କାର୍ଯ୍ୟକ୍ରମ 'ସଲାମ ରହେ ଦୋସ୍ତାନା ହମାରା' ପରିବେଷଣ କରାଯିବ। ଏହି ଦିନ ସ୍ଥାନୀୟ ୧୮ ବର୍ଷରୁ ଅଧିକ ପୁରୁଷ ଓ ମହିଳା ବର୍ଗ ମଧ୍ୟରେ ଏକ ସଙ୍ଗୀତ ପ୍ରତିଯୋଗିତା କରାଯିବ। ଏଥିରେ ଯୋଗ୍ୟ ୬ କଳାକାରଙ୍କୁ ଚୟନ କରାଯାଇ କୋଲକାତାର ଅର୍କେଷ୍ଟା ସହିତ ଗୀତ ଗାଇବା ପାଇଁ ସୁଯୋଗ ଦିଆଯିବ। ମେଳାର ସଫଳ ଆୟୋଜନ ନିମନ୍ତେ ପ୍ରଶାସନ, ପୋଲିସ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ପୌରପରିଷଦ ଓ ଅଗ୍ନିଶମ ବିଭାଗର ସହଯୋଗ ନିମନ୍ତେ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏ ବର୍ଷ ମେଳାର ବିଷୟବସ୍ତୁ 'ପ୍ରକୃତି ହିଁ ଜୀବନ' ଉପରେ ଆଧାରିତ ବାର୍ତ୍ତା ରହିଛି। ମେଳା କମିଟି ସଦସ୍ୟ ପ୍ରମୋଦ ପ୍ରଧାନ, ରବୀନ୍ଦ୍ର ରାଉତ, ଜଗବନ୍ଧୁ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମନାଭ ମୁଖୀ, ରୁଦ୍ରମଣି ମୁଖୀ, ଉଦ୍ଧବ ଜେନା, ବଳଦେବ ନନ୍ଦ, ମାନସ ସାମଲ, ଦେବାଂଶୁ ସିଲ ଓ ସୁବାଶିଷ ରାଉତ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି।

# ଶ୍ରୀରାମଙ୍କ ଅକ୍ଷତ କଳସକୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ

**ବ୍ରହ୍ମବରଦା, ୧୩।୧୨(ଯଯାତି କେଶରୀ ବେହେରା):** ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଜାନୁୟାରୀ ୨୨ରେ ଅନୁଷ୍ଠିତ ହେବ। ଏହି ଉତ୍ସବ ପାଇଁ ନିମନ୍ତ୍ରଣ ଆସିଥିବା ଅକ୍ଷତ କଳସକୁ ଘରେଘରେ ସ୍ୱାଗତ କରିବା ପାଇଁ ରସୁଲପୁର ବ୍ଲକ୍‌ର ବ୍ରହ୍ମବରଦା ପଞ୍ଚାୟତ ଛେନାଖିଆ ପାଟଣା ଗ୍ରାମର ଶ୍ରୀଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ସନାତନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ପ୍ରଫୁଲ୍ଲ ଗିରି, ସଂଜୟ ବେହେରା, ସୌଭାଗ୍ୟ ମିଶ୍ର, ଅନିଲ ରାଉତ, ସନାତନ ମଣ୍ଡଳ, ଗଗନ ବେହେରା, ଦେବାଶିଷ ବେହେରା, ଚିତ୍ତରଞ୍ଜନ ବେହେରା, ଇନ୍ଦ୍ରମଣି ଦାସ, ମନୋରମା ମଣ୍ଡଳ, କୁନା ବିଶ୍ୱାଳ, ସୁରେନ୍ଦ୍ର ବେହେରା, ମହୋଶ ଜେନା ଏବଂ ବଜରଙ୍ଗ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜନସାଧାରଣ।

# ବିଜେଡିର ୨ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବିଞ୍ଝାରପୁର, ୧୩।୧୨(ରାମକୃଷ୍ଣ ଦାସ):**

ବିଞ୍ଝାରପୁର କଲ୍ୟାଣ ମଣ୍ଡପଠାରେ ବିଞ୍ଝାରପୁର ବ୍ଲକ ବିଜେଡି ପକ୍ଷରୁ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ ବିଜେଡି ମୁଖପାତ୍ର ମିହିର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଜେଡି ରାଜ୍ୟ ପ୍ରଶିକ୍ଷକ ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ମୁରଲୀ ବେହେରା, ଛାତ୍ର ବିଜେଡି ସଭାପତି ଲେଲିନ ଦାସ, ଯୁବ ସଭାପତି ଦିଲୀପ ରାଉଳ, ସଂଖ୍ୟା ଲଘୁ ସଭାପତି ମୋଜାହିଦ ଖାଁ ପ୍ରମୁଖ ଯୋଗଦାନ କରିଥିଲେ।

ଦୁଇ ଦିନ ମଧ୍ୟରେ ୩୦୦୦ରୁ ଅଧିକ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବ୍ଲକ ସଭାପତି ସାମଲ ପ୍ରକାଶ କରିଛନ୍ତି। ଦଳରେ ଏକତା, ଶୃଙ୍ଖଳା, ସମ୍ମାନ ରକ୍ଷା କରି ନମ୍ର ହେବାକୁ ଓ ଓଡ଼ିଶା ବିକାଶ ଦିଗରେ ଆହୁରି ଅଧିକ ସଂଖ୍ୟାରେ ସହଯୋଗର ହାତ ବଢ଼ାଇବାକୁ କର୍ମୀଙ୍କୁ ମୁଖ୍ୟ ଅତିଥି ଦାସ ଓ ଅଧ୍ୟକ୍ଷା ଦାସ ଅନୁରୋଧ କରିଥିଲେ। ଓଡ଼ିଶାର ଦ୍ରୁତ ବିକାଶର ବାର୍ତ୍ତା ଗାଁଗାଁରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅହଲ୍ୟା ସ୍ୱାଇଁ, ବିଞ୍ଝାରପୁର ସରପଞ୍ଚଙ୍କ ପ୍ରତିନିଧି ଅଶୋକ ସାହୁ, କଏଣା ରଘୁନାଥପୁର ସରପଞ୍ଚ ନିସିପ୍ରଭା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପ୍ରଥମ ଦିନରେ ୨୫ ଓ ୨୬ନମ୍ବର ଜୋନର ସମସ୍ତ ୱାର୍ଡର ସକ୍ରିୟ ପୁରୁଷ ଓ ମହିଳା କର୍ମୀ ଏବଂ ନେତା ଯୋଗ ଦେଇଥିଲେ।

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୨୦୨୩-୪୧ । **ନିଲାମ ତାରିଖ:** ୨୬।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର
**ତାରିଖ:** ୧୧।୧୨।୨୦୨୩

**ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-914)

## ସଂକ୍ଷେପରେ

### କସ୍ତୁରୀ କଳା ନିକେତନ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ,୧୩।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ତଥା ସାଂସ୍କୃତିକ ସଙ୍ଗଠନ କସ୍ତୁରୀ କଳା ନିକେତନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହାର ବହୁ ପୁରାତନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ଅଞ୍ଚଳର ଓ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ବିଭିନ୍ନ ସୂତ୍ରରୁ ମିଳିଥିବା ସରକାରୀ ଅନୁଦାନ ଓ ବ୍ୟକ୍ତିବିଶେଷଙ୍କ ସହଯୋଗରେ ଏହି ଅନୁଷ୍ଠାନର ନିଜସ୍ୱ ପକ୍କା ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଅଧିକ ଛାତ୍ରୀଛାତ୍ର ଥିବାରୁ ଆବଶ୍ୟକ ଶ୍ରେଣୀ ଗୃହ ଅଭାବ ଦେଖାଦେଇଛି । ଅନୁଷ୍ଠାନର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନା, ଉପସଭାପତି ଆଇନଜୀବୀ ପ୍ରମୋଦ ସାହୁ, ସମ୍ପାଦକ କୃପାସିନ୍ଧୁ ନାୟକ, ସହସମ୍ପାଦକ ଅନିରୁଦ୍ଧ ଦାସ, ଉପଦେଷ୍ଟା କାଉନସିଲର ଗୋପୀବଲ୍ଲଭ ନାୟକ ଓ କୋଷାଧ୍ୟକ୍ଷ ଶରତ ବିଶ୍ୱାଳ ପ୍ରମୁଖ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଭେଟି ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଅନୁଷ୍ଠାନର ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

# ଜନ୍ମ ମାଟି, ଶିକ୍ଷାନୁଷ୍ଠାନକୁ କେହି ଭୁଲିବା ଉଚିତ ନୁହେଁ

### ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୂଆ-ଓ

ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

ଜନ୍ମ ମାଟିକୁ ହତାଦର କରନାହିଁ। ଯେଉଁ ପାଣି, ପବନ, ପରିବେଶରେ ଆମେ ପଢ଼ିଛେ, ବଢ଼ିଛେ ଏବଂ ଶୈଶବ ଆଦି କାଟିଛେ ତାକୁ କେବେ ହେଲେ ଭୁଲିବା ଉଚିତ ନୁହେଁ। ବୁଧବାର ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମରେ ନୂଆ-ଓ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଓଡ଼ିଶାର ପରିକଳ୍ପନା କରି ଯୁବବର୍ଗଙ୍କ ଭିତରେ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ସମ୍ପୃକ୍ତି ବୃଦ୍ଧି ପାଇଁ ପ୍ରୟାସ କରିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରତିପାଦନର ସୁଯୋଗ ମିଳିବା ସହ ବିକଶିତ ହୋଇପାରିବ। ସେ ଏକଥା ମଧ୍ୟ କହିଥିଲେ, ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟରେ ପରିଣତ ହୋଇଥିଲା। ୨୦୩୬ରେ ୧୦୦ବର୍ଷ ପୂର୍ତ୍ତି ପାଳନ କରିବ। ସେତେବେଳକୁ ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ବୟସ ୩୦ରୁ ୩୬ବର୍ଷ ହୋଇଥିବ। ଭାରତବର୍ଷର ଜନସଂଖ୍ୟାର ୬୦% ହେଉଛନ୍ତି ୩୯ ବର୍ଷରୁ କମ ବୟସର ଯୁବପିଢ଼ି। ଯେଉଁମାନେ ଆଗାମୀଦିନରେ ଓଡ଼ିଶା ତଥା ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ହେବେ। ତେଣୁ ପିଲାମାନେ ଏ କ୍ଷେତ୍ରରେ ଦାୟିତ୍ୱବାନ ହେବାକୁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ରାଜ୍ୟ ସରକାରଙ୍କ ସଫଳତା ବଖାଣି ଥିଲେ। ଉତ୍ସବରେ ଓଡ଼ିଆ ସିନେ ଜଗତର ଜଣାଶୁଣା ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ପ୍ରଦ୍ୟୁମ୍ନ କୁମାର ଲେଙ୍କା ଛାତ୍ର ଜୀବନ ବିଷୟରେ ଅବଗତ କରିବା ସହ ନୂଆ-ଓ ଉପରେ ବଖାଣିଥିଲେ। ଟିଭି ଅଭିନେତ୍ରୀ ଅର୍ପିତା କର ନୃତ୍ୟ ଜରିଆରେ ଛାତ୍ରୀଛାତ୍ରଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ପାତ୍ର ସଭାପତିତ୍ୱ କରିଥିବା ବେଳେ ଡିଗ୍ରୀ କଲେଜ ନୋଡାଲ ଅଫିସର ଡ. ଜ୍ୟୋତିରଞ୍ଜନ ସାମଲ ସ୍ୱାଗତ ଭାଷଣ ଏବଂ ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନାଟକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷିତ ହୋଇଥିଲା।



ମାନବ ଶୃଙ୍ଖଳରେ କେତେଜଣ ପିଲାଙ୍କୁ ବାନିୟନ, ଟୋପି ମିଳିଥିବାବେଳେ ଅନ୍ୟମାନଙ୍କୁ ମିଳିନାହିଁ।



ରାସ୍ତାରେ ପିଲାମାନେ ମାନବ ଶୃଙ୍ଖଳ କରିବାରୁ ଗାଡ଼ି, ମୋଟର ଯାତାୟାତ ବନ୍ଦ ହୋଇଯାଇଛି।



କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ମୁଦୁଲି, ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ।

#### ଦାୟିତ୍ୱହୀନ ମାନବ ଶୃଙ୍ଖଳ

ସୂଚୀ ଅନୁଯାୟୀ ସକାଳ ୮ଟାରେ ମହାବିଦ୍ୟାଳୟ ପରିସରରୁ ଗାନ୍ଧି ଛକ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ କରାଯିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏହା ସାଢେ ୯ଟାରୁ ଆରମ୍ଭ ହୋଇଥିଲା। ବଡ଼ କଥା ହେଲା ଏହା କେବଳ ଔପଚାରିକତା ପୂରଣ ପାଇଁ କରାଯାଇଥିବା ବାରି ହୋଇପଡ଼ିଥିଲା। କାରଣ ପିଲାମାନେ ମହାବିଦ୍ୟାଳୟରୁ ଗାନ୍ଧି ଛକ ଯିବା ବାଟରେ କେବଳ ଚାଲିବା ଛଡ଼ା ସେଭଳି କିଛି ବାର୍ତ୍ତା ବାଣ୍ଟି ନ ଥିବା ବାରି ହୋଇପଡିଥିଲା। ଗାନ୍ଧି ଛକ ନିକଟରେ ପିଲାମାନେ ବୁଲି ପୁଣି କଲେଜ ମୁହାଁ ହେଲା ବେଳକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ୫୫ନଂ. ଜାତୀୟ ରାଜପଥର ଗାନ୍ଧି ଛକରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଜାମ ହୋଇଯିବାରୁ ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ କାରଣରୁ ଏଭଳି ହୋଇଥିବାରୁ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

#### ବାନିୟନ, କ୍ୟାପ ନ ପାଇ ତାତିଲେ ଛାତ୍ରୀଛାତ୍ର

କଲେଜ ପରିସରରୁ ଗାନ୍ଧି ଛକ ପର୍ଯ୍ୟନ୍ତ ମାନବ ଶୃଙ୍ଖଳରେ ସାମିଲ ହେବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ କୁହାଯାଇଥିଲା। କିନ୍ତୁ କେତେଜଣଙ୍କୁ ବାନିୟନ ଏବଂ କ୍ୟାପ ମିଳିଥିବାବେଳେ ଅନେକ ବାଦ ପଡ଼ିଥିଲେ। ଯେଉଁ କାରଣରୁ ଛାତ୍ରୀଛାତ୍ରଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନଙ୍କୁ କାହିଁକି ଅଣଦେଖା କରାଗଲା ବୋଲି ଅନେକ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## ଅନ୍ତର୍ନିହିତ ଗୁଣାବଳୀର ବିକାଶ ପ୍ରକୃତ ଶିକ୍ଷା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଏରସମା,୧୩।୧୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁରସ୍ଥିତ ବ୍ରଜ କିଶୋର ସଂସ୍କୃତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କଲେଜ ପରିଚାଳନା କମିଟିର ସଭାପତି ଅଭୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ଲିଆକତ ଅଲ୍ଲୀ ଖାଁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ ହାର ଜିତ୍ ବଡ଼କଥା ନୁହେଁ, ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବା ଉଚିତ। କାରଣ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟା ରାନୀ ଗୁରୁ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ଥାନୀୟ ସରପଞ୍ଚ ରାଜେଶ ପ୍ରଧାନ, ସମିତିସଭ୍ୟା ସୁଶ୍ରୀ ସଙ୍ଗୀତା ଗୁରୁ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ଯୁବ ବିକାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ର ମଶାଲ ଧରି ଗଡବିଶୁନିପୁର ବଜାର ପରିକ୍ରମା କରିବା ପରେ ସଭାସ୍ଥଳରେ ପହଞ୍ଚି ଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ଶତପଥୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ରମେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଯୁବାବର୍ଗ ନୂଆ, ବିକଶିତ ଓଡ଼ିଶା ଗଠନରେ ସହାୟକ ହେବେ

କୁଜଙ୍ଗ ୧୩।୧୨ (ମନୋଜ ପ୍ରଧାନ)

### ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୁଜଙ୍ଗ ବ୍ଲକ ନୂଆଗଡ଼ଠାରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ସପ୍ତାହ ବ୍ୟାପୀ ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ଯୁବକ ତଥା ଛାତ୍ରୀଛାତ୍ରଙ୍କ ପାଇଁ ନବୀନ ପଟ୍ଟନାୟକ ଯେଉଁ ସବୁ ଯୋଜନା କରିଛନ୍ତି ସେ ବିଷୟରେ ଅବଗତ କରାଇବା ସହ ଏହାର ସଦୁପଯୋଗ କରି ଯୁବକ ବର୍ଗ ନୂଆ ଏବଂ ବିକଶିତ ଓଡ଼ିଶା ଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା, ଯୋଗାଭ୍ୟାସ ଓ ଡିଜିଟାଲ ଶିକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା କନକ ପ୍ରଭା ବେହେରା, ସାଂସଦ ପ୍ରତିନିଧି ସୁଜଳ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିକଶିତ ଓଡ଼ିଶା ଗଢ଼ିବାରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଯୁବାବର୍ଗ ପାଇଁ ଯେଉଁ ଯୋଜନା କରିଛନ୍ତି ଛାତ୍ରୀଛାତ୍ରମାନେ ତା'ର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂଆଗଡ଼ଠାରୁ ଶିଳ୍ପ ତାଲିମ କେନ୍ଦ୍ରକୁ ତାଳଦଣ୍ଡା କେନାଲର ଉତ୍ତରପାର୍ଶ୍ୱ ବନ୍ଧରେ ନିର୍ମିତ ରାସ୍ତା ଅଣ ଓସାରିଆ ହୋଇଥିବାରୁ ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତା'ର ପ୍ରଶସ୍ତି କରଣ ପାଇଁ ବିଧାୟକ ରାଉତରାୟ ଶିଳାନ୍ୟାସ କରିଥିଲେ।



ଉତ୍ସବରେ ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟମାନେ।

## ତ୍ରିନାଥ ବଣିକ ସଂଘର ବାର୍ଷିକ ଉତ୍ସବ



ତ୍ରିନାଥ ବଣିକ ସଂଘର କର୍ମକର୍ତ୍ତାମାନେ ।

କୁଜଙ୍ଗ,୧୩।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ସାପ୍ତାହିକ ହାଟ ତ୍ରିନାଥ ବଣିକ ସଂଘର ବିଂଶତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବଦେବ ମହାଦେବ ତ୍ରିନାଥଙ୍କ ମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳୁ ମହାନଦୀରେ କଳସ ବୁଡ଼ାଯାଇ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବାପରେ ଘଟସ୍ଥାପନ କରାଯାଇଥିଲା। ଦିନ ତମାମ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଣିକ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ସମ୍ପାଦକ ଅଭିନ୍ନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କାର୍ଯ୍ୟକାରୀ କମିଟି ସଭ୍ୟ ବୈଷ୍ଣବ ସ୍ୱାଇଁ, ରାଧାକୃଷ୍ଣ ନାଥ, ପ୍ରଶାନ୍ତ ରାଉତ, ଧନେଶ୍ୱର ସାହୁ ପ୍ରମୁଖ ଆଲୋଚନା କରିଥିଲେ । ଉପଦେଷ୍ଟା ପବିତ୍ର ଗ୍ରହାଚାର୍ଯ୍ୟ ସମସ୍ତ ବ୍ୟବସାୟୀଙ୍କୁ ଶୃଙ୍ଖଳିତ ହୋଇ ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ । ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କୁଜଙ୍ଗ ୧୩।୧୨ (ମନୋଜ ପ୍ରଧାନ)

ଏରସମା ବ୍ଲକ ନୂଆଗାଁସ୍ଥିତ କୁଞ୍ଜବିହାରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସରକାରଙ୍କ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଅନ୍ତଃର୍ନିହିତ ଗୁଣାବଳିର ପରିପ୍ରକାଶ ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କିରଣବାଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପଦେଷ୍ଟା ଶିଶିର କୁମାର ପରିଜା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପଦେଷ୍ଟା ତନ୍ମୟ ସ୍ୱାଇଁ, ରାଜ୍ୟ ବିଜେଡି ସମ୍ପାଦିକା ଇତିଶ୍ରୀ ଭୂୟାଁ, ଏରସମା ମଣ୍ଡଳ ଶିକ୍ଷାଧିକାରୀ ଭାବଗ୍ରାହୀ ଭୋଳ, ଅବସରପ୍ରାପ୍ତ ଅଧ୍ୟାପକ ନନ୍ଦକିଶୋର ନାୟକ, ନୂଆଗାଁ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ।

ଅଧ୍ୟାପକ ମାନସ ରଞ୍ଜନ ସାହୁ, ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପୂଜାରାଣୀ ମଲ୍ଲ ଧନ୍ୟବାନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ ଏବଂ ଛାତ୍ରୀଛାତ୍ରମାନେ ଉଭୟ କ୍ରୀଡା, ସାମାଜିକ ସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ବିଦ୍ୟାଳୟ ପକ୍ଷରୁ ପ୍ରକାଶ।




ମଞ୍ଚାସୀନ ଅତିଥି।

## ଜିଲାର ଗୋଟିଏ ପ୍ରଧାନ ଫସଲକୁ ଗୁରୁତ୍ୱ ଦିଅ

ତିର୍ତ୍ତୋଲ, ୧୩।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବୁଧବାର ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେଶ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଏହି ପରିପ୍ରେକ୍ଷୀରେ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ କେନ୍ଦ୍ର ମୁଖ୍ୟ ଡ. ଜୀବନଜିତ ସେନ୍ କୃଷି ବିଜ୍ଞାନ କେନ୍ଦ୍ରର ବିଗତ ବର୍ଷ ଏବଂ ଆଗାମୀ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ଭାବରେ ଆଲୋଚନା କରିଥିଲେ। ଅଟାରୀର ପ୍ରଧାନ ବୈଜ୍ଞାନିକ ଡ. ଏସ୍. କେ. ମଣ୍ଡଳ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ ବିଷୟରେ ବିଶେଷ ଉପଦେଶ ପ୍ରଦାନ କରିବା ସହିତ ଗୋଟିଏ ଜିଲା ଗୋଟିଏ ପ୍ରଧାନ ଫସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କୃଷି ବିଭାଗ ମୁଖ୍ୟ ଅଧିକାରୀ ସଞ୍ଜୀବ କୁମାର ମୁଦୁଲି, ତିର୍ତ୍ତୋଲ ଏଡିଓ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ଯୋଗଦେଇ ମାଟିଆଗୁଣ୍ଡି ପୋକର ନିରାକରଣ, ନାନୋ ୟୁରିଆର ପ୍ରୟୋଗ, ଅର୍ଥକରୀ ଫସଲ ଏବଂ ମାଣ୍ଡିଆ ଚାଷ ଉପରେ ବିଶେଷ ଗୁରୁତ୍ୱ ଦେବା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଘାସ ଚାଷ, ଆଜୋଲା ଚାଷ ଏବଂ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ଗବେଷଣା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଉଦ୍ୟାନ ଅଧିକାରୀ ଅନିଲ କୁମାର ସେଠୀ ଯୋଗଦେଇ ୱାଇ.ଏମ୍.ଭି.ର ପନିପରିବା ଚାଷରେ ନିରାକରଣ ପଦ୍ଧତି ଉପରେ କୃଷି ବିଜ୍ଞାନ କେନ୍ଦ୍ର ଧ୍ୟାନ ଦେବା ସହ ଛତୁ, ମସଲା ଜାତୀୟ ଶସ୍ୟ ଏବଂ ଫୁଲଚାଷ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ରେଶ୍ମିରାଣୀ ସିଂହ ଯୋଗଦେଇ ବାୟୋଫ୍ଲକ୍, ଖାଦ୍ୟର ଉପଯୁକ୍ତ ପରିଚାଳନା ଏବଂ ବଜାର ସଂଯୋଜନା ଉପରେ ବିଶେଷ ଆଲୋକପାତ କରିଥିଲେ। ଜିଲାର ସୋସିଆଲ ୱେଲଫେୟାର ଅଧିକାରୀ ଲୋଚନ ପୃଷ୍ଟି ଯୋଗଦେଇ ଚାଷୀମାନଙ୍କ ମଧ୍ୟରେ ଉନ୍ନତ କୃଷି ପ୍ରଣାଳୀର ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳର ଉଦ୍ୟାନ ବିଭାଗର ବୈଜ୍ଞାନିକ ଡ. ବିଷ୍ଣୁପଦ ଗିରି ବିଭିନ୍ନ ଉନ୍ନତ ପନିପରିବା କିସମ ସମ୍ପର୍କରେ କହିଥିଲେ। କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ମାନସ ରଞ୍ଜନ ବେହେରା ବିଭିନ୍ନ ଉନ୍ନତ ମତ୍ସ୍ୟଚାଷ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ। ଜିଲାର ୪ଜଣ ଅଗ୍ରଣୀ ଚାଷୀ ସୌରଭ ପଟ୍ଟନାୟକ, କୈଳାସ ଜୟସିଂହ, ନୃସିଂହ ବେହେରା ଓ ନମିତା ବେହେରା ଯୋଗଦେଇ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ପତ୍ରିକା 'କୃଷିଶ୍ରୀ'ର ଉନ୍ମୋଚନ ହେବା ସହ ବିଭିନ୍ନ ଚାଷ ସମ୍ବନ୍ଧୀୟ ପୁସ୍ତିକାମାନ ଉନ୍ମୋଚିତ ହୋଇଥିଲା। ଶେଷରେ ପ୍ରଫେସର ଅମରେଶ ଖୁଣ୍ଟିଆ କୃଷି ବିଜ୍ଞାନ କେନ୍ଦ୍ର ଆଗାମୀଦିନରେ କିପରି ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ସମ୍ବନ୍ଧରେ ଜିଲାର ଚାଷୀମାନଙ୍କୁ ଅବଗତ କରାଇପାରିବ ସେ ସମ୍ବନ୍ଧରେ ବିଶେଷ ଦୃଷ୍ଟିପାତ କରିଥିଲେ। ଏଥିରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ବୈଠକରେ ଅତିଥିମାନେ ପତ୍ରିକା କୃଷିଶ୍ରୀକୁ ଉନ୍ମୋଚନ କରୁଛନ୍ତି।

### କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ୍)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଢ଼ହରଓ୍ୱା/ବାକୁଡ଼ିହ/ତାଳଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ୍/ହପରରେ ୫୦ ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା **www.ireps.gov.in** ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିବା ଆବଶ୍ୟକ । (PR-909)

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୨୦୨୩-୪୧ । **ନିଲାମ ତାରିଖ:** ୨୬।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର **ତାରିଖ:** ୧୧।୧୨।୨୦୨୩
ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-914)

